## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ବଳଦ ମୃତ

ଖପ୍ରାଖୋଲ,୨୪ ।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତ କେନ୍ଦୁଭଟା ଗ୍ରାମ ନିକଟରେ ବୁଧବାର ସକାଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୁଇଟି ବଳଦର ମୃତ୍ୟୁ ଘଟିଛି । ମଙ୍ଗଳବାର ରାତିରେ ଝଡ଼ ତୋଫାନ ହେବା ଫଳରେ ବିଦ୍ୟୁତ ତାର ଛିଣ୍ଡି ତଳେ ପଡିଥିଲା । ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ପଟକୁ ଯିବା ସମୟରେ ବିଦ୍ୟୁତ ତାରରେ ଲାଗି ବଦଳର ମୃତ୍ୟୁ ଘଟିଥିଲା । ମୃତ ବଳଦ କେନ୍ଦୁଭଟା ଗାଁର ଗୁଲୁ ଛୁରାଙ୍କର ବୋଲି ଜଣାଯାଇଛି। ଗୁଲୁ ଜଣେ ଗରିବ ଚାଷୀ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### କଂଗ୍ରେସର ଗ୍ରାମପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ଦେବଗଡ଼,୨୪।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ଖିଲେଇ ଗ୍ରାମପଞ୍ଚାୟତରେ ଜିଲା କଂଗ୍ରେସ ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ଗିରିଧାରୀ ପ୍ରଧାନଙ୍କ ତତ୍ୱାବଧାନରେ ଆୟୋଜିତ କର୍ମୀ ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ତଥା ଦେବଗଡ ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସେମ ହେମ୍ବ୍ରମ, ଝସକେତନ ଧଳ, ଗୁଣନିଧି ବେହେରା, କୃଷ୍ଣ ଚନ୍ଦ୍ର ସାମଲ, ଚକ୍ରଧର ପ୍ରଧାନ, ଲିଙ୍ଗରାଜ ସାହୁ, ଶ୍ରୀତମ ସାହୁ, ଜିତେନ ନାୟକ, ଯୁଧିଷ୍ଠିର କିସାନ, ଗୁରୁଚରଣ ବେହେରା, ଘାସିରାମ ବେହେରା, ଶିଶିର ନାଏକ ଓ ଅଲେଖ ନାଏକଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ କଂଗ୍ରେସ କର୍ମୀ ଯୋଗଦେଇ ଦଳୀୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ।

### ନିରୀକ୍ଷଣ କରିବେ ରେଳବାଇ ନିରାପତ୍ତା ଆୟୁକ୍ତ

**ଲାଞ୍ଜିଗଡ଼ ରୋଡ଼-ଆମ୍ବଦୋଳା-ଦୋଇକାଲୁ ତୃତୀୟ ଲାଇନ୍**

ସମ୍ବଲପୁର,୨୪।୪(ପ୍ରମୋଦ ବହିଦାର)

ଦକ୍ଷିଣ ପୂର୍ବ ରେଳବାଇ ନିରାପତ୍ତା ଆୟୁକ୍ତ ବ୍ରିଜେଶ କୁମାର ମିଶ୍ର ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ ଧରି ଟିଟିଲାଗଡ଼-ବିଜୟାନଗରମ ରେଳ ପ୍ରକଳ୍ପ ଅନ୍ତର୍ଗତ ଲାଞ୍ଜିଗଡ଼ରୋଡ଼-ଆମ୍ବଦୋଳା-ଦୋଇକାଲୁ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନ୍‌ର ନିରୀକ୍ଷଣ କରିବା କାର୍ଯ୍ୟକ୍ରମ ରହିଛି। ୨୬ ତାରିଖ ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଉକ୍ତ ଲାଇନ୍‌ରେ ସ୍ପିଡ୍ ଟ୍ରାଏଲ କରିବେ। ତେଣୁ ଉକ୍ତ ସମୟ ମଧ୍ୟରେ ଉକ୍ତ ରେଳ ଲାଇନ ନିକଟରେ ଯାତାୟତ ବା ଲାଇନ ଅତିକ୍ରମ ନ କରିବାକୁ ଜନସାଧାରଣଙ୍କୁ ବିଶେଷ କରି ସ୍ଥାନୀୟ ବାସୀନ୍ଦାଙ୍କୁ ରେଳବାଇ ପକ୍ଷରୁ ବାରଣ କରାଯାଇଛି।

### ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

ମୁରିବାହାଲ,୨୪ ।୪(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଗଁରେଇ ଗ୍ରାମରେ ବୁଧବାର ଦିନ ଜଣେ ବିବାହିତା ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ମୃତା ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ସିନ୍ଦେକେଲା ଥାନା ଅଧୀନ ଫୁଲବନ୍ଧ ଗ୍ରାମର ଖଗେଶ୍ୱର ବାରିକଙ୍କ ଝିଅ କୁନି ବାରିକ (୨୩) ଗତ ୨ ବର୍ଷ ହେବ ଗଁରେଇ ଗ୍ରାମର ସନ୍ୟାସୀ ମଲ୍ଲିକଙ୍କୁ ପ୍ରେମ ବିବାହ କରିଥିଲେ । କିନ୍ତୁ ବୁଧବାର ଦିନ ଶାଶୁ ଘରୁ କୁନିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା । ତେବେ ତାଙ୍କ ଝିଅକୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଖଗେଶ୍ୱର ମୁରିବାହାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ଡାକ୍ତରଖାନା ପଠାଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ସ୍ୱାମୀ ସନ୍ୟାସୀଙ୍କୁ ଗିରଫ କରିବା ସହ ଥାନାରେ ନଂ ୧୪୦/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ମୁରିବାହାଲ ଥାନା ଅଧିକାରୀ ସୁପ୍ରିୟା ସୁରିୟା ଲୁଗୁନ ପ୍ରକାଶ କରିଛନ୍ତି । ମୃତା ମହିଳାଙ୍କ ୨ ବର୍ଷର ଏକ ପୁଅ ଅଛି।

# ନିର୍ମାଣାଧୀନ ଖେଳପଡ଼ିଆ କାର୍ଯ୍ୟ ତ୍ରୁଟିପୂର୍ଣ୍ଣ

- କ୍ରୀଡ଼ା ପଡ଼ିଆରେ ବିଷାକ୍ତ ଆସ ପକାଯିବା ବେନିୟମ
- କ୍ରୀଡ଼ା ବିକାଶ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୨୪।୪ (ସଞ୍ଜୟ ମାଲି)

ଝାରସୁଗୁଡା କ୍ରୀଡା ବିକାଶ ସଙ୍ଗଠନ ପକ୍ଷରୁ ଜିଲାପାଳ ଆବୋଲୀ ସୁନୀଲ ନରୱଣେଙ୍କୁ ୭ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ଗଢ଼ି ଉଠିଥିବା କଳକାରଖାନା ଦ୍ୱାରା ସହର ବିଭିନ୍ନ ଜାଗାରେ ବେଆଇନ ଭାବେ ପକାଯାଉଥିବା ବିଷାକ୍ତ ପାଉଁଶ ତଥା ହଂସାମୁରା କଟାପାଲି ହାଇସ୍କୁଲ ସମ୍ମୁଖ ୪୯ ନମ୍ବର ଜାତୀୟ ରାଜପଥ ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହେଉଥିବା ଖେଳ ପଡିଆର କାର୍ଯ୍ୟରତ ସଂସ୍ଥା ବା ଠିକାଦାରର ବେନିୟମ କାର୍ଯ୍ୟର ତନଖି କରି ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ସଂପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠନ ଗ୍ରହଣ ପାଇଁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କ୍ରିଡା ବିକାଶ ସଙ୍ଗଠନର ସରଜମିନ ତଦନ୍ତରୁ ଯାହା ଜଣାପଡିଛି ପ୍ରଥମେ ପଡିଆକୁ ଖୋଲି କାରଖାନାର ବିଷାକ୍ତ ଆସ ପୁରଣ କରାଯାଇ ଖୋଲା ହୋଇଥିବା ମାଟିକୁ ଆସ ଉପରେ ପକାଯାଇଛି। ଏହା କାର୍ଯ୍ୟ କରୁଥିବା ସଂସ୍ଥାର ମନମୁଖି ଭଳି ଜଣାପଡିଛି। ଜିଲାରେ ଖେଳାଳିମାନଙ୍କୁ ପ୍ରୋତ୍ସାହିତ କରିବା ଓ ଆଗାମୀ ଦିନରେ ତାଙ୍କୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଓ ତାଙ୍କର ଆର୍ଥିକ ଉନ୍ନତି କରିବା ପାଇଁ ପ୍ରୟାସ କରିବା ଜିଲା ପ୍ରଶାସନ କର୍ତ୍ତବ୍ୟ ହୋଇଥିବା ବେଳେ ପ୍ରଥମରୁ ଯେଉଁ କ୍ରିଡା ସଂସ୍ଥା ସରକାରୀସ୍ତରରେ ଗଠନ ହୋଇଛି ତାର କର୍ମକର୍ତ୍ତାମାନେ ବେନିୟମ କାମ କରି ଦୁର୍ନୀତି ମୁହାଁ ହୋଇଥିବା ଅନୁମାନ ହେଉଛି। ଏହାର ତଦନ୍ତ କରି ସେମାନଙ୍କୁ ସଂସ୍ଥାରୁ ବହିଷ୍କାର କରାଯାଉ। ଏହା ବ୍ୟତୀତ ପୂର୍ବରୁ ରାଜ୍ୟ ସରକାର ରାଜ୍ୟ ପକ୍ଷରୁ ପ୍ରତିନିଧି କରି ଟ୍ରଫି ଆଣିଥିବା ଖେଳାଳି ଓ ସନ୍ତୋଷ ଟ୍ରଫି ଖେଳିଥିବା ଖେଳାଳିଙ୍କୁ କ୍ରିଡା କୋଟାରୁ ଥଇଥାନ, ଜିଲାରେ ଗଢି ଉଠିଥିବା ଶିଳ୍ପାନୁଷ୍ଠାନ ଓ ଖଣି ଅଞ୍ଚଳରେ କ୍ରିଡାବିତମାନଙ୍କ ନିଯୁକ୍ତି ନିଶ୍ଚିତ କରାଯିବା, ଜିଲା ଖଣିଜ ପାଣ୍ଠିରୁ ୫ % କ୍ରିଡା ପାଇଁ ଖର୍ଚ୍ଚ କରାଯିବା, କ୍ରିଡାବିତମାନେ ରୋଜଗାରକ୍ଷମ ନ ହେବା ପର୍ଯ୍ୟନ୍ତ ୧୦ ହଜାର ଟଙ୍କା ଭତ୍ତା ଓ କ୍ରିଡା ଉଦ୍ଦେଶ୍ୟରେ ଗସ୍ତ ସମୟରେ ଗସ୍ତ ଖର୍ଚ୍ଚ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା, ପ୍ରତ୍ୟେକ ପଞ୍ଚାୟତରେ ଜଣେ ଲେଖାଏଁ କ୍ରିଡା ଶିକ୍ଷକ ପଦବୀ ସୃଷ୍ଟି କରି ନିଯୁକ୍ତି ଦିଆଯିବା, ରାଜ୍ୟର କ୍ରିଡାବିତଙ୍କୁ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ପ୍ରଦର୍ଶନ କରିବା ପାଇଁ ଆବଶ୍ୟକ ହେଉଥିବା ଭିତ୍ତିଭୂମି ବ୍ୟବସ୍ଥା ଓ ପ୍ରୋତ୍ସାହନ ପ୍ରତ୍ୟେକ ଜିଲା ମୁଖ୍ୟାଳୟରେ ଉପଲବ୍ଧ କରାଯାଉ ବୋଲି ଦାବି ହେଉଛି। ଦାବିପତ୍ର ପ୍ରଦାନ ଅବସରରେ ସଙ୍ଗଠନ ସାଧାରଣ ସମ୍ପାଦକ ପ୍ରଭାକର ଓରାମ, ଉପସଭାପତି ସରୋଜ କୁମାର ମୁଣ୍ଡା, କ୍ରିୟାନୁଷ୍ଠାନ କମିଟି ସଦସ୍ୟ ନିତ୍ୟାନନ୍ଦ ଭଇଁଷା, ସୁଜିତ କୁଜୁର, ଆଇନ ପରାମର୍ଶ ଦାତା ଲକ୍ଷ୍ମୀଚରଣ ପାଲ, କାର୍ଯ୍ୟକାରୀ ସଦସ୍ୟ ତ୍ରିଲୋଚନ ଡନସନା, କୈଳାସ ରୋହିଦାସ, ସୁମିତ ମୁଣ୍ଡା, ଅମିତ ମୁଣ୍ଡା, ଫକୀର ଓରାମ ଛାତ୍ର ସାମ୍ମୁଖ୍ୟରେ ଜିତନ୍ଦ୍ରୀୟ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କ୍ରୀଡ଼ା ବିକାଶ ସଙ୍ଗଠନ ସଦସ୍ୟ।

# ଉଠା ଦୋକାନୀଙ୍କ ସହ କଲିକେଶଙ୍କ ଭାବ ବିନିମୟ



କଲିକେଶ ନାରାୟଣ ସିଂଦେଓ ଉଠାଦୋକାନୀଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ବଲାଙ୍ଗୀର,୨୪।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ଉଠା ଦୋକାନୀମାନଙ୍କ ସହ ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ ବୁଧବାର ଭାବ ବିନିମୟ କରିଛନ୍ତି। ସ୍ଥାନୀୟ ଏକ ଟେଷ୍ଟ ହାଉସ୍ ଠାରେ ବଲାଙ୍ଗୀର ଉଠାଦୋକାନୀ ମହାସଂଘ ସଭାପତି ତଥା ଦଳିତ ନେତା ଶମ୍ଭୁ ନାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭାବ ବିନିମୟ କାର୍ଯ୍ୟକ୍ରମରେ କଲିକେଶ ଉଠାଦୋକାନୀମାନଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ବର୍ଷା ଓ ଖରା ଦିନରେ ଉଠା ଦେକାନୀମାନେ ହଇରାଣ ହେଉଛନ୍ତି । ରାସ୍ତାକଡରେ ବସିଥିବାରୁ ସେମାନଙ୍କୁ ଯେଉଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ତାକୁ ଦେଖି ବିଭିନ୍ନ ଖାଲି ଜାଗାରେ ଭେଣ୍ଡି ଜୋନର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏହି ଅବସରରେ ସେ ଉଠା ଦୋକାନୀମାନଙ୍କ ଦାବି ସ୍ଥାୟୀ ଭେଣ୍ଡିଂ ଜୋନ ବ୍ୟବସ୍ଥା ବିଜେଡି ସରକାର ନିଶ୍ଚୟ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଣୁ ଆଗାମୀ ନିର୍ବାଚନରେ ତାଙ୍କୁ ଉଠା ଦୋକାନୀ ସମର୍ଥନ କରନ୍ତୁ ବୋଲି ନିବେଦନ କରିଥିଲେ। ବଲାଙ୍ଗୀରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ବଲାଙ୍ଗୀରର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ରହିଛି । ଏଣୁ ସେ ଏଥର କଣ୍ଟାବାଞ୍ଜି ଆସନରେ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସିଂହଦେଓ କହିଥିଲେ। ସେ ଆହୁରି କହିଛନ୍ତି ଯେ, ବଲାଙ୍ଗୀର ଜିଲା ଦ୍ୱିତୀୟ ଥର ପାଇଁ ସ୍ଥାନୀୟ ଜନପ୍ରତିନିଧି ଭାବେ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ପାଇବାକୁ ଯାଉଛି। ପ୍ରଥମେ ସ୍ୱର୍ଗତ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କୁ ପାଇଥିଲା ଏବଂ ଏବେ ନବୀନ ପଟ୍ଟନାୟକଙ୍କୁ ବଲାଙ୍ଗୀର ମାଟି ପାଇବ। ଏହା ବଲାଙ୍ଗୀର ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଲିକା ସାହୁ, ବିଜେଡି କାଉନସିଲରମାନଙ୍କ ସହ ୫ ଶହରୁ ଉର୍ଦ୍ଧ୍ୱ ଉଠା ଦୋକାନୀ ଉପସ୍ଥିତ ଥିଲେ।

# ବୁଥ୍ ସ୍ତରରେ କଂଗ୍ରେସର ଇସ୍ତାହାର ପହଞ୍ଚାଇବାକୁ ଆହ୍ୱାନ



କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

**ଆଗଲପୁର ବ୍ଲକ କଂଗ୍ରେସ କର୍ମୀ ସମ୍ମିଳନୀ**

ଲୋଇସିଂହା,୨୪।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ଆମ୍ବବଗିଚାରେ ବ୍ଲକସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର,ଏମ୍‌ପି ପ୍ରାର୍ଥୀ ମନୋଜ ମିଶ୍ର, ବିଧାୟକ ପ୍ରାର୍ଥୀ ଓମପ୍ରକାଶ କୁମ୍ଭାର, ଜିଲା ସଭାପତି ଅଶୋକ ନନ୍ଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ପଟେଲ, ଜିଲା ଯୁବ ସଭାପତି ଗଣେଶ ସାହୁ, ବରିଷ୍ଠ କର୍ମୀ ପୁରନ୍ଦର ଦାସ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ବ୍ଲକରୁ ଆରମ୍ଭ କରି ରାଜ୍ୟରେ କିପରି ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି ସେ ସମ୍ପର୍କରେ କହିଥିଲେ। ସୁରକ୍ଷା ଦେବା ପାଇଁ ଖଣି ଲୁଟେରାମାନେ ୯ ଶହ କୋଟି ଟଙ୍କା ବିଜେଡିକୁ ଚାନ୍ଦା ଦେଇଛନ୍ତି। ବଲାଙ୍ଗୀରରେ ସିଲିଂ ଜମି ମାମଲାରେ ୪ ହଜାର କୋଟି ଟଙ୍କା ଦୁର୍ନୀତି ହୋଇଥିବା ସେ ଅଭିଯୋଗ କରିଥିଲେ। ସେ ଆହୁରି କହିଥିଲେ ବିଜେଡି ଓ ଭାଜପା ଗଣତନ୍ତ୍ରକୁ ବିଶ୍ୱାସ କରନ୍ତି ନାହିଁ। ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ କଂଗ୍ରେସ ବିଧାୟକ ଓ ଏମପି ପ୍ରାର୍ଥୀ ଭଲ ଅଛନ୍ତି। ସବୁବର୍ଗର ଲୋକଙ୍କ ପାଇଁ ଗ୍ରହଣୀୟ ହୋଇଛି କଂଗ୍ରେସର ଏଥରର ଇସ୍ତାହାର। ଏଣୁ କେନ୍ଦ୍ର ଓ ରାଜ୍ୟର ବିଫଳତା ଏବଂ କଂଗ୍ରେସର ଇସ୍ତାହାରକୁ ବୁଥସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ କର୍ମୀଙ୍କୁ ଆହ୍ୱାନ ଜଣାଇଥିଲେ। ଦୁଇଟି ଯାକ ଭୋଟ କଂଗ୍ରେସ ପ୍ରାର୍ଥୀଙ୍କୁ ଦେବାକୁ ଲୋକଙ୍କୁ ବୁଝାଇଲେ ବିଜୟ ସୁନିଶ୍ଚିତ ବୋଲି ସେ କହିଥିଲେ। ବିଧାୟକ ପ୍ରାର୍ଥୀ କୁମ୍ଭାର ଓ ଏମ୍‌ପି ପ୍ରାର୍ଥୀ ମିଶ୍ର ବକ୍ତବ୍ୟ ରଖିଥିଲେ। ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବ୍ଲକ କଂଗ୍ରେସ କମିଟି ସଭାପତି ମନମୋହନ ପଟେଲ ଅଧ୍ୟକ୍ଷତା କରି ଆଗଲପୁର ବ୍ଲକରେ ଚାଲିଥିବା ଆରଜକତାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

### ଦାଦନ ଶ୍ରମିକ ମୃତଦେହ ଘରେ ପହଞ୍ଚିଲା

ଲାଠୋର,୨୪।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ସଦର ଗ୍ରାମ ଖଇରାପଡ଼ାର ଦାଦନ ଶ୍ରମିକଙ୍କ ମୃତଦେହ ବୁଧବାର ସକାଳେ ଗ୍ରାମରେ ପହଞ୍ଚି ଥିବା ଜଣାପଡ଼ିଛି । ମୃତକ ହେଲେ ବାବୁଲାଲ ଭୋଇ(୩୬)। ମୃତଦେହ ପହଞ୍ଚିବା ପରେ ପଡ଼ାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଗତ ନଭେମ୍ବର ମାସରେ ଖଇରାପଡ଼ାର ସଂପୃକ୍ତ ଶ୍ରମିକ ଘରେ ସ୍ତ୍ରୀ ସୁଲୋଚନା, ତିନି ଝିଅ ଓ ନବଜାତ ପୁଅକୁ ଘରେ ଛାଡ଼ି ଲାଠୋର ଗ୍ରାମର ଜଣେ ସର୍ଦ୍ଦାରଙ୍କ ଜରିଆରେ ତେଲେଙ୍ଗାନା ରାଜ୍ୟ ଛେନାପୁର ଗ୍ରାମର ଗୋପା ରେଡ୍ଡୀଙ୍କ ଇଟା ଭାଟିକୁ କାମ କରିବାକୁ ଯାଇଥିଲେ। ସେଠାରେ ତାଙ୍କର ଦେହ ଖରାପ ହେବାରୁ ବହୁ କୁହାକୁହି କରିବା ପରେ ମାଲିକ ତାଙ୍କୁ ଛୁଟି ଦେଇଥିଲେ। ଛୁଟି ପାଇ ସେ ଟ୍ରେନରେ ଅନ୍ୟ ପରିଚିତ ବ୍ୟକ୍ତିଙ୍କ ସହ ଘରକୁ ଫେରୁଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସହ ଆସୁଥିବା ଲୋକ ଟିଟିଲାଗଡ ଷ୍ଟେଶନରେ ଜିଆରପି ପୋଲିସକୁ ଖବର ଦେବାରୁ ସେମାନେ ବାବୁଲାଲଙ୍କୁ ଟିଟିଲାଗଡ ହସ୍ପିଟାଲ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିବା ପରେ ପୋଲିସ ଟିଟିଲାଗଡ ଜିଆରପି ଥାନାରେ ନଂ୧୯/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତ୍ୟୁର କାରଣ ଜଣା ପଡ଼ି ନ ଥିଲେ ମଧ୍ୟ ଅଂଶୁଘାତଜନିତ ମୃତ୍ୟୁ ବୋଲି ସନ୍ଦେହ କରାଯାଉଛି। ବାବୁଲାଲଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ରୂପେ ବେସାହାରା ହୋଇ ପଡିଛନ୍ତି। ପରିବାର ଏବେ କେମିତି ଚଳିବ ସେ ଚିନ୍ତା ଏବେ ସ୍ତ୍ରୀ ସୁଲୋଚନାଙ୍କୁ ଘାରିଛି। ବର୍ତ୍ତମାନ ପରିବାର ବର୍ଗଙ୍କୁ ରେଡକ୍ରସରୁ କିଛି ସାହାଯ୍ୟ ଦେବା ସହ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ବାନିପାଲିରେ ପାଇପ ଜଳ ଯୋଗଣ ବ୍ୟାହତ

**ଟ୍ୟାଙ୍କରରେ ଜଳ ଯୋଗଣ ଦାବି କଲେ ଗ୍ରାମବାସୀ**

ଲୋଇସିଂହା,୨୪।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବାନିପାଲି ପଞ୍ଚାୟତ ସଦର ଗ୍ରାମବାସୀ ପାଇପ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି । ଘରକୁ ଘର ପାଇପ ଜଳ ଯୋଗାଣ ପାଇଁ ପାଇପ ଲାଇନ କାମ କରାଯାଉଛି। ଏଥିପାଇଁ ମାସେରୁ ଉର୍ଦ୍ଧ୍ୱ ସମୟ ହେଲା ଜଳ ଯୋଗଣ ବନ୍ଦ ରହିଛି । ପଞ୍ଚାୟତ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ । ପିଇବା ପାଣି ଲାଗି ହନ୍ତସନ୍ତ ହେଉଛନ୍ତି। ୪ ୱାର୍ଡ ବିଶିଷ୍ଟ ବାନିପାଲି ଗ୍ରାମର ଜନସଂଖ୍ୟା ପ୍ରାୟ ୨ ହଜାର ପାଖାପାଖି। ଗ୍ରାମର ଉପରମୁଣ୍ଡରେ ଏକ ବୋରିଂ ଖୋଲାଯାଇ ଷ୍ଟାଣ୍ଡ ପୋଷ୍ଟ ଜରିଆରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏବେ ଗ୍ରାମର ଘରକୁ ଘର ଜଳ ଯୋଗଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ଘରକୁ ଘର ପାଇପ ସଂଯୋଗ ପାଇଁ ପୁରୁଣା ପାଇପ ଲାଇନକୁ ଖୋଲି ଦିଆଯାଇଛି । ଫଳରେ ଗ୍ରାମରେ ଜଳ ଯୋଗଣ ବ୍ୟାହତ ହୋଇଛି। ଅପରପକ୍ଷେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଭୂତଳ ଜଳ ନିମ୍ନଗାମୀ ହେବାରୁ ଗ୍ରାମରେ ଥିବା ନଳକୂପଗୁଡିକରୁ ଠିକ ଭାବରେ ପାଣି ବାହାରୁ ନାହିଁ। ଏଭଳି ସ୍ଥିତିରେ ପିଇବା ପାଣି ପାଇଁ ଗ୍ରାମବାସୀ ହଟହଟା ହେଉଥିବା ଅଭିଯୋ କରିଛନ୍ତି । ପ୍ରକଳ୍ପ କାମ ଶୀଘ୍ର ସାରିବା ସହ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଯାଏ ଟ୍ୟାଙ୍କରରେ ଜଳ ଯୋଗଣ ପାଇଁ ସୌଦାଗର ପୁଟେଲ, ସୁରେନ୍ଦ୍ର ପଧାନ, ପ୍ରଫୁଲ୍ଲ ପଧାନ, ଉପେନ୍ଦ୍ର ଛତ୍ରିଆଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି ।

### ପିଲାଙ୍କ ପାଖରେ ବିଦ୍ୟାଶ୍ରୀ ଭ୍ରାମ୍ୟମାଣ ପାଠାଗାର



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଟିଟିଲାଗଡ଼,୨୪।୪(ଶରତ ମିଶ୍ର)

ସ୍ଥାନୀୟ ବିଦ୍ୟାଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଯୁଗିରତା ପ୍ରକଳ୍ପ ଉ ପ୍ରା ବିଦ୍ୟାଳୟଠାରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ବାଗ ଅଧ୍ୟକ୍ଷତା କରି ପୁସ୍ତକ ହିଁ ମଣିଷର ପ୍ରକୃତ ବନ୍ଧୁ ଓ ଦୁଃଖ ସୁଖରେ ସହାୟକ ହୋଇଥାଏ ବୋଲି କହିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ବନମାଳୀ ନାଗ, ସୁମନ୍ତ ଧଳ, ରତନ କୁମାର ମହଡକ ଆଚରଣ ଉଚ୍ଚାରଣ ଶୁଦ୍ଧ କରି ଗଢ଼ି ତୋଳିବାରେ ପୁସ୍ତକ ହିଁ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପାଠାଗାରର ପୁସ୍ତକକୁ ନେଇ ପ୍ରତିଯୋଗିତା ହୋଇ କୃତି ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ପାଠାଗାରର ପ୍ରତିଷ୍ଠାତା ବୃନ୍ଦାବନ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

### ଲାଠୋର ଅଞ୍ଚଳରୁ ପ୍ରଚାର ଆରମ୍ଭ କଲେ ସ୍ୱାଧୀନ ପ୍ରାର୍ଥୀ

ଲାଠୋର,୨୪।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ପାଟଣାଗଡ ନିର୍ବାଚନ ମଣ୍ଡଳୀର କୋଶଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ବଳରାମ ବଗର୍ତ୍ତି ବୁଧବାର ଲାଠୋରରୁ ପ୍ରଚାର ଆରମ୍ଭ କରିଛନ୍ତି। ସକାଳେ ହରି ବାରିକଙ୍କ ସଭାପତିତ୍ୱରେ ଲାଠୋର କଲୋନୀପଡ଼ା ଆମ୍ବତୋଟାରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପ୍ରାର୍ଥୀ ବଗର୍ତ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶତାଧିକ ମହିଳା ପୁରୁଷଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ସେ ଲୋକଙ୍କ ସମସ୍ୟା ବୁଝି ତାଙ୍କୁ ୨୦୨୪ ନିର୍ବାଚନରେ ଭୋଟ ଦେଇ ବିଜୟୀ କଲେ ସେ ପ୍ରଥମେ ଲୋକଙ୍କ ମୁଣ୍ଡ ପିଛା ଆୟ କେମିତି ବଢିବ, ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ ସହ ସାଧାରଣ ଲୋକଙ୍କ ମୌଳିକ ଅଧିକାର ଯେପରି କ୍ଷୁର୍ଣ୍ଣ ନ ହୁଏ ସେ ଦିଗରେ ଧ୍ୟାନ ଦିଆଯିବ ବୋଲି କହିଥିଲେ। ପରେ ପିପଲବାହାଲ ଗ୍ରାମରେ ମଧ୍ୟ ନିର୍ବାଚନୀ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ବସନ୍ତ ଗୁର୍ଲା, ବିଦ୍ୟାଧର ଗୁର୍ଲ, ନୀଳ ବରିହା, ବିଦ୍ୟାଧର ଭାଇଁସାଲ, ନରେଶ ପତ୍ର, ଶିବା ଠାକୁର, ଚିତ୍ତରଞ୍ଜନ ଭଇଁସାଲ ଏବଂ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।



କୋଶଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଉଛନ୍ତି।

### ଶତାଧିକ କର୍ମୀଙ୍କ ବିଜେଡିରେ ଯୋଗଦାନ

ଗୁଡଭେଲା,୨୪।୪(ମନୋଜ କୁମାର ଜୈନ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମଙ୍ଗଳବାର ରାତିରେ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି। ଏହି ଅବସରରେ ପରିବହନ ମନ୍ତ୍ରୀ ତଥା ଟିଟିଲାଗଡ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଟୁକୁନି ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଦଳୀୟ ଉତ୍ତରୀୟ ପ୍ରଦାନ କରିଥିଲେ। ଏହାସହିତ ଗୁଡଭେଲା ବ୍ଲକ ଅନ୍ତର୍ଗତ ଚାଣ୍ଟିପଦର ଗ୍ରାମରେ ବିଜେଡିର ନୂତନ କାର୍ଯ୍ୟାଳୟକୁ ବିଧାୟିକା ସାହୁ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଗୁଡଭେଲା ବ୍ଲକ ଅନ୍ତର୍ଗତ ରୁଷୁଡା ଓ ଚିଞ୍ଚୋଡ ଗ୍ରାମ ପଞ୍ଚାୟତର ଚାଣ୍ଟିପଦର, ଲଖାରପଦର, ଶାସନପାଲି, କନ୍ଦେନବାହାଲି, ବୁଢାଖମନ, ତୁର୍ଲା, ଚିଞ୍ଚୋଡ,ଚନ୍ଦନପାଲି, ମାଳପଡା,ରୁଷୁଡା, ଦେଶେଇମୁଣ୍ଡା, ପିପଲମୁଣ୍ଡା ଗ୍ରାମରେ ବିଜେଡି ପକ୍ଷରୁ ବିଧାୟିକା ପ୍ରାର୍ଥୀ ସାହୁ ପ୍ରଚାର କରିବା ସହ ଭୋଟ ଭିକ୍ଷା କରିଥିଲେ। ସମସ୍ତ ଗ୍ରାମରେ ଆୟୋଜିତ ସଭାରେ ସେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରିବା ସହ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ବିକାଶ ଧାରା ଦ୍ୱିଗୁଣିତ ହୋଇ ପାରିବ ବୋଲି କହିଥିଲେ। ଏହି ଅବସରରେ ସେ କହିଥିଲେ ଅଞ୍ଚଳର ବହୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରାଥମିକତା ଦିଆଯାଇଛି। ପାନୀୟ ଜଳ, ଶିକ୍ଷା, ରାସ୍ତାଘାଟ ଉନ୍ନତୀକରଣ ହେଇଛି। ଏଣୁ ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସାହୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ତୁଷୁରା ଏନ୍‌ଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଲ,ଜିଲା ପରିଷଦ ସଭ୍ୟ ପ୍ରଦୀପ ପଣ୍ଡା, ଯୁବନେତା ବିକାଶ ଶର୍ମା, ପୃଥୀରାଜ ନନ୍ଦ, ରବୀନ୍ଦ୍ର ସେଠ, ବିଭୂତି ଥନାପତି, ରମେଶ ବେହେରା, ଉଦିତ ବୁଡେକ, ସ୍ୱାଧୀନ ପ୍ରଧାନ, ତରୁଣ ପୁଟେଲ, ବିଘ୍ନରାଜ ଭୋଇ, ରାମ ଶଙ୍କର ବାଗ, ତୁଷୁରା ଏନ୍‌ଏସି ପର୍ଯ୍ୟବେକ୍ଷକ ଚିରାଗ ସିଂଦେଓ, ଜ୍ୟୋତି ମହାପାତ୍ର, ପପିନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଟୁକୁନୀ ସାହୁ ବିଜେଡିରେ ସାମିଲ ହୋଇଥିବା କଂଗ୍ରେସ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

**ଚାଣ୍ଟିପଦରରେ ନୂତନ କାର୍ଯ୍ୟାଳୟ**

### ବିଜେଡିର ବନ୍ଧୁ ମିଳନ

କଣ୍ଟାବାଞ୍ଜି,୨୪।୪(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଜୁ ଜନତା ଦଳ ଅଫିସଠାରେ କଣ୍ଟାବାଞ୍ଜି ନଗର ସଭାପତି ଦେବାର ବାରିକ ଓ ଯୁବ ବିଜେଡି ସଭାପତି ବିଷ୍ଣୁ ପ୍ରସାଦ ଜୁଏଡ଼ଙ୍କ ନେତୃତ୍ୱରେ ଏନଏସି ସ୍ତରୀୟ ବିଜେଡି କର୍ମୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀ ଯୋଗଦାନ କରି ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକଙ୍କୁ ୧ ଲକ୍ଷ ଭୋଟ ବ୍ୟବଧାନରେ ବିଜୟୀ କରିବା ପାଇଁ କର୍ମୀମାନଙ୍କୁ ଶପଥ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ଯୁବନେତା ଗିରିରାଜ ସିଂ ମାଝୀ,୧୧ ନମ୍ବର ୱାର୍ଡ ମେମ୍ବର ସୂର୍ଯ୍ୟ ମିଶ୍ର, ୭ ନମ୍ବର ୱାର୍ଡ ମେମ୍ବର ପ୍ରତିନିଧି ରାମଚନ୍ଦ୍ର ରାଏ, ତୁରେକେଲା ବ୍ଲକ ସଭାପତି ଆଶାଦୁଲ୍ଲା ଖାନ, ବଲାଙ୍ଗୀର ମହିଳା ମୋର୍ଚ୍ଚା ସମ୍ପାଦିକା ପିଙ୍କି ଖର୍ଶେଲ, ବିଶ୍ୱନାଥ ସାହୁ, ଦୈତାରୀ ଭୋଇ, ଅମିତ ଜାଙ୍ଗ, ବିଟୁ ସାଘା, ଦୀପକ ଘିବେଲା, ଗୁଡ୍ଡୁ ବେହେରା, ସୁମନ ସେଠ, ଗୋକୁଳ ବେହେରା, ସୁଦାମ ବେହେରା, ଧ୍ରୁବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମେ ୧୦ରୁ ରବିଧାନ ସଂଗ୍ରହ

**ସମ୍ବଲପୁର,୨୪।୪(ପ୍ରମୋଦ ବହିଦାର)**

ଆସନ୍ତା ମେ ୧୦ରୁ ସମ୍ବଲପୁର ଜିଲାରେ ଚଳିତବର୍ଷ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ। ଜିଲାପାଳଙ୍କ ସୂଚନା ଅନୁସାରେ କମିଟିରେ ଆଗତ ପ୍ରସ୍ତାବ ଅନୁସାରେ ସର୍ବସମ୍ମତିକ୍ରମେ ଧାନ ସଂଗ୍ରହ ପ୍ରକ୍ରିୟା ଅରମ୍ଭ ପାଇଁ ମେ ୧୦ତାରିଖ ଧାର୍ଯ୍ୟ ହୋଇଛି।

ଧାନକ୍ରୟ ପାଇଁ ଜିଲାର ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କ ସହିତ ୩୦ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଓ ବୃହତ ଅଞ୍ଚଳ ବହୁମୁଖୀ ସମିତି(ଲାମ୍ପ୍ସ) ଅଂଶଗ୍ରହଣ କରିବେ। ସେହିପରି ଧାନ ସଂଗ୍ରହ ପାଇଁ ସମଗ୍ର ଜିଲାରେ ୬୧ଟି ଧାନକ୍ରୟ କେନ୍ଦ୍ର ଖୋଲାଯିବ। ଧାନ କଷ୍ଟମ ମିଲିଂ ପାଇଁ ଚଳିତ ବର୍ଷ ମୋଟ ୪୬ଜଣ ମିଲର ଅଂଶଗ୍ରହଣ କରିବେ। ଧାନ ବିକ୍ରୟ ପାଇଁ ୧୫,୫୬୮ ଜଣ ଚାଷୀ ପଞ୍ଜିକରଣ ପାଇଁ ଆବେଦନ କରିଥିବା ବେଳେ ଯାଞ୍ଚ ପରେ ୧୫,୫୩୪ଙ୍କୁ ପଞ୍ଜିକରଣ କରାଯାଇଛି। ଅନଲାଇନ୍ ମୋଡ୍‌ରେ ରିଅଲ୍ ଟାଇମ୍ କ୍ରୟ ପାଇଁ ପି-ପାସ୍ ଜରିଆରେ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ। ଏଥିପାଇଁ ଚାଷୀମାନଙ୍କୁ କେନ୍ଦ୍ରୀୟ ଟୋକନ୍ ଜାରି କରାଯିବ। ଉକ୍ତ ଟୋକନଗୁଡ଼ିକୁ ସମ୍ପୃକ୍ତ କୃଷକଙ୍କ ପଞ୍ଜିକୃତ ମୋବାଇଲକୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରେରଣ କରାଯିବ। କେବଳ ଆଧାର ପ୍ରମାଣପତ୍ର ଓ ଆଇରିସ୍ ସ୍କାନର ଜରିଆରେ ଚିହ୍ନଟ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣାଯିବ। ଧାନ କ୍ରୟ ପରେ ୨୪ରୁ ୪୮ଘଣ୍ଟା ମଧ୍ୟରେ ଧାନର ପରିମାଣ ଅନୁଯାଇ ସମ୍ପୃକ୍ତ ଚାଷୀଙ୍କ ବ୍ୟାଙ୍କ ଜମାଖାତାରେ ଧାନ ବିକ୍ରୟ ରାଶି ଅନ୍ ଲାଇନ୍ ମୋଡ୍‌ରେ ଜମା କରାଯିବ। ସମସ୍ତ ପ୍ରସ୍ତାବିତ ମାର୍କେଟ୍ ୟାର୍ଡ ଓ ଧାନକ୍ରୟ କେନ୍ଦ୍ରଗୁଡ଼ିକ ଗୁରୁବାର

**ଭାଗନେବେ ୯ ଏସ୍‌ଏଚ୍‌ଜି, ୩୦ ପାକ୍ସ ଓ ଲ୍ୟାମ୍ପ୍ସ**

୨୫ତାରିଖଠାରୁ କାର୍ଯ୍ୟକ୍ଷମ ହେବ।

୨୦୨୩-୨୪ ରେ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ଏବଂ ଗ୍ରେଡ୍ 'ଏ' ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୨୦୩ ଟଙ୍କା ଧାର୍ଯ୍ୟ ହୋଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନକ୍ରୟ କେନ୍ଦ୍ରଗୁଡ଼ିକରେ ଯେକୌଣସି ଅସୁବିଧା ବା ସମସ୍ୟାର ମୁକାବିଲା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଦାୟିତ୍ୱରେ ଥିବା ଆର୍‌ଏମ୍‌ସି ସମ୍ପାଦକମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରେ ସମସ୍ତ କ୍ରୟ କେନ୍ଦ୍ରରେ ପାନୀୟ ଜଳ, ବିଜୁଳି, ଛାଇ ପାଇଁ ତାରପୋଲିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳିର ବ୍ୟବସ୍ଥା ସହିତ ଯଥେଷ୍ଟ ପରିମାଣର ଓଆର୍‌ଏସ୍ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଗତ ବର୍ଷମାନଙ୍କରେ ଧାନ ସଂଗ୍ରହ ସମୟରେ ହେଉଥିବା କଟନୀ ବା ଅନ୍ୟ କୌଣସି ଅନିୟମିତତାକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ଏକ ସବ୍ କମିଟି ଗଠନ କରାଯାଇଛି। ଉକ୍ତ ସବ୍-କମିଟି ଧାନ ସଂଗ୍ରହ ପ୍ରକ୍ରିୟାରେ ଯେକୌଣସି ଅନିୟମିତତା ଉପରେ ନଜର ରଖିବ। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ପରେ ଅନୁଷ୍ଠିତ ବୈଠକରେ ଉକ୍ତ ସବ୍-କମିଟି ସମସ୍ତ ଅନିୟମିତାର ସମୀକ୍ଷା କରିବ। ମିଲର୍‌ମାନେ କଟନୀ ଛଟନୀକୁ ଅଧିକ ପ୍ରୋତ୍ସାହିତ କରୁଥିବା ବେଳେ ଏଭଳି କୌଣସି ଖବର ମିଳିଲେ ସମ୍ପୃକ୍ତ ମିଲରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ବୈଠକରେ ଚାଷୀ ପ୍ରତିନିଧି, ମିଲର ସଂଘ ପ୍ରତିନିଧିମାନଙ୍କ ଦ୍ୱାରା ଉପସ୍ଥାପିତ ଗତବର୍ଷ ଧାନ କ୍ରୟ ସମୟରେ ଓ ପରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ନିର୍ବାଚନ ବର୍ଷ ହୋଇଥିବାରୁ ବୈଠକରେ ଉପସ୍ଥିତ ସମସ୍ତ ଚାଷୀ ଓ ମିଲରଙ୍କୁ ଜିଲାପାଳ ଆସନ୍ତା ମେ ୨୫ରେ ମତଦାନ କରିବାକୁ ଅନୁରୋଧ କରିଥିଲେ।

ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଜାମ୍ବର ମହାନ୍ତି, କୁଚିଣ୍ଡା ଉପଜିଲାପାଳ ହେମସାଗର ଭୋଇ, ଜିଲା ମୁଖ୍ୟକୃଷି ଅଧିକାରୀ ଗୌରୀ ଶଙ୍କର ସିଂ, ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ଅତିରିକ୍ତ ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେଙ୍ଗ, ସଦର ଅତିରିକ୍ତ ଯୋଗାଣ ଅଧିକାରୀ ସୌଭାଗ୍ୟ ନାୟକ, ଅତିରିକ୍ତ ଯୋଗାଣ ଅତିରିକ୍ତ ଯୋଗାଣ ଅଧିକାରୀ(ଏସ୍‌ଏମ୍‌ସି) ବିଶ୍ୱରଞ୍ଜନ ସାହୁ, ଜିଲା ଚାଷୀ ସଙ୍ଗଠନ କର୍ମକର୍ତ୍ତା, ମିଲର୍ସ ପ୍ରତିନିଧି ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

**ସଂକ୍ଷେପରେ**

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ୨ ଗିରଫ

**ଦେବଗଡ଼,୨୪।୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ଥାନା ବଲଣ୍ଡା ଗ୍ରାମର ଜଣେ ଯୁବକଙ୍କୁ ଗତ ରବିବାର ରାତିରେ ମରଣାନ୍ତକ ଆକ୍ରମଣ ଘଟଣାରେ ବାରକୋଟ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୨ଜଣ ହେଲେ ବଲଣ୍ଡା ଗ୍ରାମର ନିଲୁ ଓରଫ ପ୍ରଦ୍ୟୁମ୍ନ ସାହୁ ଓ ବାହାଡାପୋଶି ଗ୍ରାମର ଅନୁପ୍ରଧାନ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ରବିବାର ସନ୍ଧ୍ୟାରେ ବଲଣ୍ଡା ଗ୍ରାମରେ ଏକ ନିର୍ବାଚନୀ ସଭାରେ ବଲଣ୍ଡା ଗ୍ରାମର ପରମାନନ୍ଦ ନାୟକଙ୍କ ପୁଅ ଭୁବନେଶ୍ୱର ନାଏକ(୩୨) ଯୋଗଦେଇଥିଲେ। ସଭା ଶେଷ ହେବା ପରେ ରାତ୍ରି ପ୍ରାୟ ୧୧ଟାରେ ୧୦ ନମ୍ବର ରାଜ୍ୟ ରାଜପଥ ଦେଇ ଘରକୁ ଫେରୁଥଲେ। ଏହି ସମୟରେ ପ୍ରଦ୍ୟୁମ୍ନ ଓ ଅନୁ ତାଙ୍କୁ ଜାତିଗୋତ୍ର ଉଚ୍ଚାରଣ କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କୁ ହତ୍ୟା ଧମକ ଦେବା ସହ ମାଡ ମାରିବାରୁ ଭୁବନେଶ୍ୱରଙ୍କ ମୁଣ୍ଡରେ କ୍ଷତ ହୋଇ ରକ୍ତ ବାହାରିଥିଲା। ପରିବାର ଲୋକେ ତାଙ୍କୁ ବାରକୋଟ ଡାକ୍ତରଖାନାରେ ଚିକିତ୍ସା କରାଇବା ପରେ ଭୁବନେଶ୍ୱର ମଙ୍ଗଳବାର ସନ୍ଧ୍ୟାରେ ଏ ନେଇ ବାରକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବାରକୋଟ ପୋଲିସ ପ୍ରଦ୍ୟୁମ୍ନ ଓ ଅନୁଙ୍କ ବିରୋଧରେ ଏକ ମାମଲା ରୁଜୁ କରିବା ସହ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ପରିଚାଳନା କମିଟି ଗଠନ ନ ହେବା ନେଇ ଉଦ୍‌ବେଗ

**ଜୟଦୁର୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉନ୍ନୟନ କମିଟି ବୈଠକ**

**ପଡିଆବାହାଲ,୨୪।୪(ରାଧାମୋହନ ଷଡଙ୍ଗୀ)**

ସମ୍ବଲପୁର ଜିଲା ଝୁଜୁମୁରା ବ୍ଲକ ବାହାମ ପଞ୍ଚାୟତ ପଡିଆବାହାଲସ୍ଥିତ ଜୟଦୁର୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉନ୍ନୟନ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଦୀର୍ଘଦିନ ହେଲା ବିଦ୍ୟାଳୟର ସ୍ଥାୟୀ ପରିଚାଳନା କମିଟି ଗଠନ ନ ହେବା କିମ୍ବା କୌଣସି ବୈଠକ ବସୁ ନ ଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଶାଜନକ ଉନ୍ନୟନ କାମ ହେଉ ନ ଥିବା, ଉନ୍ନୟନ କାମରେ କର୍ମଚାରୀଙ୍କ ଅସହଯୋଗ ମନୋଭାବ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ଆଗାମୀ ଦିନରେ ଏଠାରେ ଯୁକ୍ତ ୩ ଡିଗ୍ରୀ କଲେଜ ଖୋଲିବା, ମହାବିଦ୍ୟାଳୟର ସ୍ଥାୟୀ କୋଠା ନିର୍ମାଣ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗ ନେଇ କମିଟି ଗୁରୁତ୍ୱ ଦେଇଥିଲେ। ସ୍ଥାୟୀ କୋଠା ନିର୍ମାଣ ବର୍ତ୍ତମାନ ଚାଲିଥିବାରୁ ତୁରନ୍ତ ସେଠାରେ ବିଦ୍ୟୁତ୍ ସେବା ପାଇଁ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ଏଥିରେ ପ୍ରସ୍ତାବ ନିଆଯାଇ ୧୫ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କମିଟିର ସୁବୋଧ କୁମାର ବେହେରା, ବିଜୟ କୁମାର ନାୟକ,ରବୀନ୍ଦ୍ର କୁମାର ବଡପଣ୍ଡା, ଡା.ରାଜାରାମ ଷଡଙ୍ଗୀ, ଶେଷଦେବ ପଣ୍ଡା, ମନିଷ ନାୟକଙ୍କ ସମେତ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।

# ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର



ଡୁଙ୍ଗୁରିପାଲିରେ ଦଳୀୟ କର୍ମୀ ଓ ନେତାଙ୍କ ସହ ନିରଞ୍ଜନ ପୂଜାରୀ।

**ଡୁଙ୍ଗୁରିପାଲି,୨୪।୪(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ସୋନପୁର ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ଡୁଙ୍ଗୁରିପାଲିରେ ବୁଧବାର ବିଜେଡି ପ୍ରାର୍ଥୀ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀ ନିର୍ବାଚନ ପ୍ରଚାର କରିଛନ୍ତି। ଡୁଙ୍ଗୁରିପାଲିର ବିଭିନ୍ନ ପଡ଼ାକୁ ଯାଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଅବଗତ କରାଇ ପ୍ରତି ଘରକୁ ଯାଇ ଲୋକଙ୍କୁ ଭେଟି ଭୋଟ ଭିକ୍ଷା କରିଥିଲେ। ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ନୂଆ ଭୋଟର ଓ ଜନସାଧାରଣଙ୍କୁ ସେ ନିବେଦନ କରିଥିଲେ। ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳଙ୍କ ନେତୃତ୍ୱରେ ହୋଇଥିବା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ବିଜେଡି ଓବିସି ସେଲ ସଭାପତି ରଞ୍ଜନ ଠେଲା, ବିଜେଡି ଜିଲା କାର୍ଯ୍ୟକାରୀ ସଦସ୍ୟ ବଦ୍ରିନାରାୟଣ ପାଣ୍ଡିଆ, ବଲାଙ୍ଗୀର ଜିଲା ବିଜୁ ଯୁବ ଛାତ୍ର ଉପସଭାପତି ବିଭୁଦତ୍ତ ରାଜହଂସ, ବ୍ଲକ ବିଜେଡି ଯୁବ ଛାତ୍ର ସଭାପତି ଧର୍ମେନ୍ଦ୍ର ବିଶ୍ୱାଳ, ଗୁଣନିଧି ଦୀପ, ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ, ମନୋଜ କୁମାର ପୁରୋହିତ, ଲବ ମେହେର, ପ୍ରଶାନ୍ତ କୁମାର ସାହୁ, ହରି ପଧାନ, ସ୍ୱାଧୀନ ବିଶ୍ୱାଳ ପ୍ରଦୀପ ମହାନନ୍ଦ, ଗୋପାଳ ବାରିକ, ବିପ୍ରଚରଣ ସାହୁ, ଯୁଧିଷ୍ଠିର ପଧାନଙ୍କ ସମେତ ବହୁ ସଂଖ୍ୟାରେ ବିଜେଡି କର୍ମୀ ସାମିଲ ଥିଲେ। କୁଦେଇପଡ଼ା, ଆରଏମସି ଶିବାନନ୍ଦ ପଡ଼ା, ସହଲା ରୋଡ କେନାଲ ପଡ଼ା, ବ୍ଲକ କଲୋନୀ, ଡୁଙ୍ଗୁରିପାଲି ବସ୍ତିରେ ପ୍ରଚାର କାଳରେ ବିଜେଡି ପ୍ରାର୍ଥୀ ପୂଜାରୀ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଗସ୍ତ ସମୟରେ ଆରଏମସି ଛକ ନିକଟ ଶ୍ରୀରାମ ମନ୍ଦିର ଯାଇ ପୂଜାରୀ ଆଶୀର୍ବାଦ ଭିକ୍ଷା କରିଥିଲେ।

## ବ୍ୟବସାୟିକ ଶତ୍ରୁତା ନେଇ ପୂର୍ବତନ ନଗରପାଳଙ୍କୁ ମରଣାନ୍ତକ ଆକ୍ରମଣ

**ବ୍ରଜରାଜନଗର,୨୪।୪(ବିଜୟ ବରାଡ଼)**

ବ୍ରଜରଜନଗର ଥାନା ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ କିଶୋର ପେଟ୍ରୋଲ ପମ୍ପ ନିକଟରେ ବ୍ୟବସାୟିକ ଶତ୍ରୁତାକୁ ନେଇ ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ବ୍ରଜରଜନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଥ୍ୟ ଓ ଏଫଆଇଆରରେ ଲିଖିତ ଅଭିଯୋଗ ଅନୁଯାଇ କିଶୋର ଅଗ୍ରୱାଲ ତାଙ୍କ ସମ୍ପର୍କୀୟଙ୍କ ଘରକୁ ପ୍ରସାଦ ସେବନ ପାଇଁ ଯାଇଥିଲେ। ସେଠାରେ ତାଙ୍କୁ ଏକୁଟିଆ ଦେଖି ତାଙ୍କର ପୂର୍ବତନ ବ୍ୟବସାୟ ସହଯୋଗୀ ଅରୁଣ ମୁଣ୍ଡରା ହଟାତ ଆକ୍ରମଣ କରିଥିଲେ। ସେ ତଳେ ପଡିଯାଇଥିବା ବେଳେ ଅରୁଣ ଏକ ପଥର ଉଠାଇ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରୁଥିଲେ। ଏହି ସମୟରେ ତାଙ୍କ ଭାଇ ରାଜେଶ ଅଗ୍ରୱାଲ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଅଭିଯୋଗ ପାଇଛି ଉପଯୁକ୍ତ ତଦନ୍ତ କରାଯାଇ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯବ ବୋଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରକାଶ କରିଛନ୍ତି।

# ବାବା ବେଶରେ ଆସି ଲୁଟିନେଲେ ୬୧ହଜାର

**କୁଚିଣ୍ଡା,୨୪।୪(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା ବାମରା ବ୍ଲକ ତଥା ଗୋବିନ୍ଦପୁର ଥାନା ପିଣ୍ଡାପଥର ପଞ୍ଚାୟତ ତିତିରିପୋଷ ଗ୍ରାମର ଚନ୍ଦ୍ର ବରୁଆ ଜଣେ ବାବାଙ୍କ ଠକାମିର ଶିକାର ହୋଇଛନ୍ତି। ତାଙ୍କ ସରଳତାର ସୁଯୋଗ ନେଇ ଝାରସୁଗୁଡା ଅଞ୍ଚଳର ଥଣ୍ଡରା ନାଏକ ନାମକ ଏହି ବାବା ତାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟ କ୍ରମେ ୬୧ହଜାର ୨୩୬ଟଙ୍କା ଲୁଟି ନେଇଛନ୍ତି। ଏହା ଜାଣିବା ପରେ ଚନ୍ଦ୍ର ଗତ ୧୭ତାରିଖରେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଦଫା ୪୧୯, ୪୨୦, ୬୬ ସି,ଡି, ଆଇଟି ଆକ୍ଟରେ ଏକ ମାମଲା(ନଂ.୭୧/୨୪) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ ଫେବୃୟାରୀ ମାସରେ ତିତିରିପୋଷ ଶିବ ମନ୍ଦିରକୁ ଜଣେ ବ୍ୟକ୍ତି ବାବା ବେଶରେ ଆସି ଉକ୍ତ ଗ୍ରାମର ଚନ୍ଦ୍ର ବରୁଆଙ୍କ ସହ ମିତ୍ରତା ସ୍ଥାପନ କରିଥିଲେ। ମିତ୍ରତା ସ୍ଥାପନ ପରେ ଚନ୍ଦ୍ରଙ୍କର ସରଳତାର ସୁଯୋଗ ନେଇ ବିଭିନ୍ନ ସମୟରେ ତାଙ୍କ ମୋବାଇଲ ସ୍ମାର୍ଟଫୋନ ମଧ୍ୟ ବ୍ୟବହାର କରୁଥିଲେ। ବାବା ଜଣକ ବିଶ୍ୱାସ ଜନ୍ମାଇ ତାଙ୍କ ମୋବାଇଲ ପାସୱାର୍ଡ ଫୋନ ପେ ପିନ ନମ୍ବର ଆଦି ଜାଣି ନେଇଥିଲେ। ଏପରିକି ଚନ୍ଦ୍ରଙ୍କ ବିଶ୍ୱାସ ଜିଣିବା ପାଇଁ ବାବା ତାଙ୍କ ନାମରେ ଥିବା ଚେକ୍‌ବୁକରେ ଦସ୍ତଖତ କରି ଚେକ୍ ମଧ୍ୟ ଦେଇଥିଲେ । ଇତି ମଧ୍ୟରେ ବାବା ଜଣକ ପର୍ଯ୍ୟାୟ କ୍ରମେ ତାଙ୍କ ଆକାଉଣ୍ଟରୁ ୬୧ ହଜାର ୨୩୬ ଟଙ୍କା ଟ୍ରାନ୍ସଫର କରି ନେଇ କୌଶଳ କ୍ରମେ ସେଠାରୁ ଫେରାର ହୋଇଯାଇଥିଲେ। ଇତି ମଧ୍ୟରେ ଚନ୍ଦ୍ର ବାମରା ଷ୍ଟେଟ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଆସି ବାବାଙ୍କ ଠକାମିର ଶିକାର ହୋଇଥିବା ଜାଣି ପୋଲିସର ଆଶ୍ରମ ନେଇଛନ୍ତି।

# ରାମଲୀଳାରେ ରାମ ବନବାସ, ଭରତ ମିଳନ

**ବଲାଙ୍ଗୀର,୨୪।୪(ବୀରେନ୍ଦ୍ର କୁମାର ଝାଙ୍କର)**

**ବଲାଙ୍ଗୀରର ପ୍ରସିଦ୍ଧ ରାମଲୀଳା**

ବଲାଙ୍ଗୀର ରାମଜୀ ନାଟ୍ୟ ସଂସଦ ପକ୍ଷରୁ ଆୟୋଜିତ ପ୍ରସିଦ୍ଧ ରାମଲୀଳା ରଜନୀରେ ରାମ ବନବାସ ଅଧ୍ୟାୟ ମଞ୍ଚସ୍ଥ ହୋଇଥିଲା। ମନ୍ଥରା ପ୍ରରୋଚନାରେ ରାଜା ଦଶରଥଙ୍କୁ ରାଣୀ କୈକେୟୀ ବର ମାଗିବା ଏବଂ ଶ୍ରୀରାମଚନ୍ଦ୍ରଙ୍କୁ ୧୪ ବର୍ଷ ବନବାସ ଉପାଖ୍ୟାନ ମଞ୍ଚସ୍ଥ ହୋଇଥିଲା। ମନ୍ଥରାଙ୍କ ପ୍ରରୋଚନା ଏବଂ ରାଜା ଦଶରଥଙ୍କ ଭଗ୍ନ ହୃଦୟର ଅଭିନୟ ଦର୍ଶକଙ୍କୁ କାରୁଣ୍ୟ ରସରେ ଭରି ଦେଇଥିଲା। ଶ୍ରୀରାମଚନ୍ଦ୍ର, ସୀତା ଏବଂ ଲକ୍ଷ୍ମଣଙ୍କ ବନଗମନ, ଅଯୋଧ୍ୟାବାସୀଙ୍କ ଭାବାବେଗକୁ ଗୀତିନାଟ୍ୟ ମାଧ୍ୟମରେ ରାମଲୀଳାର କଳାକାରମାନେ ଦର୍ଶକଙ୍କୁ ପରଶି ଦେଇଥିଲେ। ରାମ-କୌଶଲ୍ୟା, ରାମ-ସୀତାଙ୍କ କଥୋପକଥନ ଦୃଶ୍ୟ ଦର୍ଶକଙ୍କ ମନ ଛୁଇଁଥିଲା। ବନବାସ କାଳରେ ଶବର ସହିତ ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ ସହ ଭେଟ ଓ ଗଙ୍ଗାନଦୀ ପାରି ହେବା ଦୃଶ୍ୟ ଲୋକଙ୍କୁ ଆମୋଦିତ କରିଥିଲା। ମନ୍ତ୍ରୀ ସୁମନ୍ତ ଅରଣ୍ୟରୁ ଫେରିବା ପରେ ଦଶରଥଙ୍କ ମୃତ୍ୟୁ ଖବର ଦର୍ଶକଙ୍କୁ ଶୋକରେ ବୁଡାଇ ଦେଇଥିଲା। ରାଜା ଦଶରଥଙ୍କ ମୃତ୍ୟୁ ପରେ କୈକେୟୀଙ୍କ ପୁତ୍ର ଭରତ ଓ ଶତ୍ରୁଘ୍ନଙ୍କ ବାକ୍ୟୁଦ୍ଧ, ମନ୍ଥରାଙ୍କୁ ରାଜ ଉଆସରୁ ତଡିଦେବା ଏବଂ ଅରଣ୍ୟକୁ ଯାଇ ଶ୍ରୀରାମଙ୍କୁ ଭେଟ ହେବା ଦୃଶ୍ୟକୁ ଲୋକେ ବେଶ ଉପଭୋଗ କରିଥିଲେ। ଭରତ ମିଳନ ପରେ ଅରଣ୍ୟ କାଣ୍ଡ ଆରମ୍ଭ ହୋଇଥିଲା।



ରାମଲୀଳାରେ ଶ୍ରୀରାମ-ଭରତ ମିଳନ ଦୃଶ୍ୟ।

# ପୂର୍ବତନ ବ୍ଲକ ଅଧକ୍ଷ ସୁରେନ୍ଦ୍ର ପତିଙ୍କ କଂଗ୍ରେସରୁ ଇସ୍ତଫା

**ଅମରପାଲି,୨୪।୪(ପୀତାମ୍ବର ସାହୁ)**



ସୁରେନ୍ଦ୍ର ପତି



ପ୍ରମୋଦ ମହାପାତ୍ର



ନିତ୍ୟାନନ୍ଦ ସାହୁ



ହରିହର ପାତ୍ର

- **ସୁବଲୟା ସରପଞ୍ଚଙ୍କ ସମେତ ପୂର୍ବତନ ସରପଞ୍ଚ, କଂଗ୍ରେସ ଓବିସି ସେଲ ଅଧକ୍ଷ ବି ଦଳ ଛାଡ଼ିଲେ**
- **ବିଜେଡିରେ ଯୋଗଦେଇ ପାରନ୍ତି**

ବୀରମହାରାଜପୁରରେ କଂଗ୍ରେ ରୁ ଦଳର ବରିଷ୍ଠ କର୍ମକର୍ତ୍ତାଙ୍କ ଇସ୍ତଫା ସଂଖ୍ୟା ବଢ଼ିବାରେ ଲାଗିଛି। ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ତାହାର ପ୍ରାର୍ଥୀ ଭାବେ ପ୍ରଦୀପ ସେଠୀଙ୍କ ନାମ ଘୋଷଣା ପରେ ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁର ପ୍ରଥମେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ପରେ ସୁବର୍ଣ୍ଣପୁର ଜିଲା କଂଗ୍ରେସ ଉପସଭାପତି ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜ ଗୋପାଳ ପାଣିଗ୍ରାହୀ ଦଳର ପ୍ରାଥମିକ ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ପ୍ରଦାନ କରିଥିଲେ। ଏବେ ପୁଣି ଦଳର ବରିଷ୍ଠ ସଦସ୍ୟ ତଥା ବୀରମହାରାଜପୁର ବ୍ଲକର ଦୁଇ ଦୁଇ ଥର ଅଧକ୍ଷ ହୋଇଥିବା ସୁରେନ୍ଦ୍ର ପତି ମଧ୍ୟ ଦଳ ଛାଡିଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ପଠାଇଛନ୍ତି। ସେ ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ପତି ଜଣେ ବିଶିଷ୍ଟ ବ୍ୟବସାୟୀ ଭାବେ ବେଶ ପରିଚିତ ହୋଇଥିବା ବେଳେ ଏବେ ମଧ୍ୟ ଅନେକ ସଙ୍ଗଠନରେ ସାମିଲ ଅଛନ୍ତି। ଏହା ସହିତ ବର୍ତ୍ତମାନର ସୁବଳୟା ପଞ୍ଚାୟତର ସରପଞ୍ଚ ପ୍ରମୋଦ ମହାପାତ୍ର ମଧ୍ୟ ଦଳ ଛାଡିଛନ୍ତି। ସେ ମଧ୍ୟ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ପତ୍ର ପିସିସି ସଭାପତିଙ୍କୁ ପଠାଇଛନ୍ତି। ଖଣ୍ଡହତା ପଞ୍ଚାୟତର ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ସାହୁ ଓ କଂଗ୍ରେସ ଓବିସି ସେଲ ଅଧକ୍ଷ ହରିହର ପାତ୍ର ମଧ୍ୟ ଇସ୍ତଫା ଦେଇଥିବା ଜଣାପଡ଼ିଛି। ତେବେ ଇସ୍ତଫା ଦେଇଥିବା ସମସ୍ତେ ବିଜେଡିରେ ଯୋଗଦେଇ ପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଦଳରୁ କ୍ରମାଗତଭାବେ ପ୍ରମୁଖ କର୍ମକର୍ତ୍ତା ଇସ୍ତଫା ଦେବା ଦଳ ପାଇଁ ମହାଙ୍ଗା ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସରୁ ପୂର୍ବତନ ବିଧାୟକ ବିନୋଦ ପାତ୍ରଙ୍କ ସମେତ ପ୍ରଦୀପ ସେଠୀ ଟିକେଟ ପାଇଁ ପ୍ରମୁଖ ଦାବିଦାର ଥିଲେ। ତେବେ ଦଳ ପ୍ରଦୀପଙ୍କ ଉପରେ ଆସ୍ଥା ପ୍ରକଟ କରିବା ପରେ ବିନୋଦଙ୍କ ସମର୍ଥକଙ୍କ ସମେତ କେତେକ ବରିଷ୍ଠ କର୍ମୀ ଏଥିରେ ଅସନ୍ତୁଷ୍ଟ ଥିଲେ। ଗୁରୁବାର କଂଗ୍ରେସ ଦଳ ର ସାଂସଦ ପ୍ରାର୍ଥୀ ମନୋଜ ମିଶ୍ର ଓ ବିଧାୟକ ପ୍ରାର୍ଥୀ ପ୍ରଦୀପ ସେଠୀ ଦଳର କର୍ମୀ ଓ ସମର୍ଥକଙ୍କୁ ନେଇ ବ୍ଲକ ର ବିଭିନ୍ନ ଗ୍ରାମକୁ ଯାଇ ପରିବର୍ତ୍ତନ ଯାତ୍ରା କାର୍ଯ୍ୟକ୍ରମ କରି ଏକ ବିରାଟ ଶୋଭାଯାତ୍ରା କରିବାର ଥିବା ବେଳେ ଏହାର ଦିନେ ଦୁଇ ଦିନ ମଧ୍ୟରେ ଏକାଧିକ ଦଳର ବରିଷ୍ଠ କର୍ମକର୍ତ୍ତା ଓ ସମର୍ଥକ ଇସ୍ତଫା ଦେବା ଦଳ ପାଇଁ ସମସ୍ୟା ଦେଖା ଦେଇଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**smbselfie@gmail.com**



@ ଅମିତ୍



@ ଦେବେନ୍ଦ୍ର



@ ଗୋପୀନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅମିତ୍ ଶାହାଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି



ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଜନସଭା ପାଇଁ ସଭାସ୍ଥଳ ପ୍ରସ୍ତୁତି ଚାଲିଛି।

**ସୋନପୁର,୨୪।୪(ମୃତ୍ୟୁଞ୍ଜୟ ଶତପଥୀ)**

**ମୁତୟନ ହେବେ ୨୦୦ ଅଧିକାରୀ, ୨୪ ପ୍ଲାଟୁନ୍ ପୋଲିସ ଫୋର୍ସ**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୁରୁବାର ସୁବର୍ଣ୍ଣପୁରରୁ ଭାଜପା ନିର୍ବାଚନୀ ପ୍ରଚାରର ବିଗୁଲ ଫୁଙ୍କିବେ। ଅପରାହ୍ନରେ ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମରେ ଏକ ବିଶାଳ ଜନସଭାକୁ ସମ୍ବୋଧନ କରିବେ। ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ପାଇଁ ଆଶା କରାଯାଉଛି । ଜେଡ୍ ପ୍ଲସ ସୁରକ୍ଷା ମିଳୁଥିବା ଶାହାଙ୍କ କାର୍ଯ୍ୟକ୍ରମ ପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସହରରେ ଓ ସଭାସ୍ଥଳରେ ୨୪ ପ୍ଲାଟୁନ୍ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ରହିବେ। ସେହିପରି ପ୍ରାୟ ୨୦୦ ପୋଲିସ ଅଧିକାରୀ ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି। ସୁବର୍ଣ୍ଣପୁର ଏସ୍‌ପି ଯଶପ୍ରତାପ୍ ଶ୍ରୀମାଲ, ବଲାଙ୍ଗୀର ଏସ୍‌ପି ରିଷିକେଶ ଖିଲାରିଙ୍କ ନେତୃତ୍ୱରେ ୪ ଜଣ କମାଣ୍ଡେଣ୍ଟ, ୪ ଜଣ ଅତିରିକ୍ତ ଏସ୍‌ପି, ୮ ଜଣ ଡିଏସ୍‌ପି ଓ ୨୬ ଜଣ ଇନିସପେକ୍ଟର ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି।

## ସଂକ୍ଷେପରେ

### କର୍ଲାମୁଣ୍ଡା ପଞ୍ଚାୟତ ବିଜେଡି ସଭାପତିଙ୍କ ଇସ୍ତଫା



ରିଷିଡା, ୨୪।୪ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପଞ୍ଚାୟତର ବିଜେଡି ସଭାପତି ଦିନବନ୍ଧୁ ସାହୁ ବୁଧବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଦୀର୍ଘ ବର୍ଷ ଧରି ବିଜେଡିର ଜଣେ ସକ୍ରିୟ ସଦସ୍ୟ ଭାବେ ସଙ୍ଗଠନକୁ ସୁଦୃଢ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଆସୁଥିଲେ। ତେବେ ଚଳିତ ନିର୍ବାଚନରେ ତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରି ସେ ଦଳ ତଥା ପଦବୀରୁ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ସାହୁ ପୂର୍ବରୁ କଂଗ୍ରେସ ଦଳରେ ସାମିଲ ରହି ଜଣେ ସକ୍ରିୟ ନେତା ଭାବେ ପରିଚିତ ଥିଲେ। ପରେ ବିଜେଡିରେ ମିଶି ବିଭିନ୍ନ ଜନହିତକର କାର୍ଯ୍ୟର ଦାୟିତ୍ୱ ନେଉଥିଲେ। ବର୍ତ୍ତମାନ କଂଗ୍ରେସରେ ସାମିଲ ହୋଇ ନର୍ଲା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପାର୍ଥି ଭକ୍ତଚରଣ ଦାସଙ୍କୁ ସହଯୋଗ କରିବେ। ବୁଧବାର ଭକ୍ତଙ୍କ ନାମାଙ୍କନପତ୍ର ଦାଖଲରେ ସାମିଲ ହୋଇ କଂଗ୍ରେସକୁ ମଜବୁତ କରିବି ବୋଲି ସାହୁ ସୂଚନା ଦେଇଛନ୍ତି।

# ମଞ୍ଚସ୍ଥ ହେଲା ନାଟକ ସେତୁବନ୍ଧ ପ୍ରତିଷ୍ଠା

ବୌଦ୍ଧ,୨୪।୪(ଅଜିତ କୁମାର ବାରିକ)

### ବୌଦ୍ଧ ରାମଲୀଳା ଯାତ୍ରାର ଅଷ୍ଟମ ସନ୍ଧ୍ୟା

ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରା ବୁଧବାର ଅଷ୍ଟମ ଦିବସରେ ପହଞ୍ଚି ଥିବା ବେଳେ ମଞ୍ଚସ୍ଥ ହୋଇଛି ନାଟକ ସେତୁବନ୍ଧ ପ୍ରତିଷ୍ଠା । ହନୁମାନଙ୍କ ଦ୍ୱାରା ଲଙ୍କା ଦହନ ପରେ ସୀତାଙ୍କ ନିକଟରୁ ବାର୍ତ୍ତା ଓ ସନ୍ତକ ନେଇ ହନୁମାନ ଫେରିଆସି ଶ୍ରୀରାମଙ୍କୁ ସୀତାଙ୍କ ସୂଚନା ପ୍ରଦାନ କରିଛନ୍ତି। ସୀତାଙ୍କ ସଂପର୍କରେ ସୂଚନା ମିଳିବା ପରେ ଶ୍ରୀରାମ, ଲକ୍ଷ୍ମଣ ଓ ସୁଗ୍ରୀବ ବାନର ବୀରମାନଙ୍କ ସହିତ ସୀତାଙ୍କୁ ଉଦ୍ଧାର କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ରାବଣର ବିଶାଳ ସେନା ସହିତ ଯୁଦ୍ଧ କରିବା ପାଇଁ ବାନର ସେନାଙ୍କୁ କିପରି ସମୁଦ୍ର ପାର କରାଯିବ ସେଥିପାଇଁ ସୁମୁଦ୍ର ଉପରେ ସେତୁ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ସେତୁ ନିର୍ମାଣ ସରିବା ପରେ ତାହାକୁ ପ୍ରତିଷ୍ଠା କରିବା ପାଇଁ ବ୍ରହ୍ମାଣ୍ଡର ମହାଜ୍ଞାନୀ ଭାବରେ ବିଶ୍ରବା ନନ୍ଦନ ରାବଣକୁ ଶ୍ରୀରାମଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ସୀତାଙ୍କୁ ସାଙ୍ଗରେ ନେଇ ରାବଣ ସେତୁବନ୍ଧ ପ୍ରତିଷ୍ଠା ପାଇଁ ପହଞ୍ଚିବା ପରେ ସେଠାରେ ଶିବଲିଙ୍ଗ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ପରେ ସେତୁ ପ୍ରତିଷ୍ଠା କରାଯାଇଛି। ବ୍ରାହ୍ମଣର ଦକ୍ଷିଣା ସ୍ୱରୂପ ରାବଣ ଏକାନ୍ତରେ ଶ୍ରୀରାମଙ୍କ ନିକଟରେ ନିଜର ମୁକ୍ତି ପାଇଁ ଏବଂ ସୀତାଙ୍କୁ ଫେରାଇ ନେବାକୁ ନିବେଦନ କରିଛି। କିନ୍ତୁ ଶ୍ରୀରାମ ଏହା ଅଗ୍ରାହ୍ୟ କରିଦେଇଛନ୍ତି । ସଂସାରର ଜଣେ ଶ୍ରେଷ୍ଠ ପଣ୍ଡିତ ଭାବରେ ସେତୁବନ୍ଧ ପ୍ରତିଷ୍ଠା କରି ରାବଣ ତାର କର୍ତ୍ତବ୍ୟ ପାଳନ କରିଥିବା ବେଳେ ସେ ଯୁଦ୍ଧରେ ପରାସ୍ତ କରି ସୀତାଙ୍କୁ ଗ୍ରହଣ କରିବେ ବୋଲି ରାବଣକୁ ଜଣାଇଛନ୍ତି। ସୀତାଙ୍କୁ ନେଇ ରାବଣ ପୁଣି ଥରେ ଲଙ୍କା ନଗରୀକୁ ଫେରିଯାଇଛି। ପୌରାଣିକ କଥାବସ୍ତୁକୁ ନେଇ ଶ୍ରୀରାମଲୀଳା ଯାତ୍ରାରେ କିଷ୍କିନ୍ଧ୍ୟା କାଣ୍ଡର ସମାପ୍ତି ହୋଇଥିବା ବେଳେ ଗୁରୁବାରଠାରୁ ଲଙ୍କାକାଣ୍ଡ ସହ ବାନର ସେନା ଓ ରାକ୍ଷାସ ସେନା ମଧ୍ୟରେ ଘୋର ଯୁଦ୍ଧ ଆରମ୍ଭ ହେବ ବୋଲି ଜଣାପଡିଛି। ଶ୍ରୀରାମ ଭୂମିକାରେ ଶିରିଶ ବେହେରା, ସୀତା ବିଶ୍ୱାମିତ୍ର ସାହୁ, ଲକ୍ଷ୍ମଣ ଦନାର୍ଦ୍ଦନ ମିଶ୍ର, ହନୁମାନ ଶାନ୍ତନୁ ବେହେରା,ବିଭୀଷଣ ପ୍ରମୋଦ ପ୍ରଧାନ ଓ ରାବଣ ଭୂମିକାରେ ସୁଦାମ ବେରିହା ପ୍ରମୁଖ ଉଚ୍ଚକୋଟୀର ଅଭିନୟ କରିଥିଲେ।



ନାଟକର ଏକ ଦୃଶ୍ୟ।

# ଟିକେଟ ନ ଦେବାରୁ ଦଳ ଛାଡ଼ିଲେ ବିଶ୍ୱନାଥ ନାୟକ




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ବ୍ରଜରାଜନଗର,୨୪।୪(ବିଜୟ ବରାଡ଼)

### ଅଭିଯୋଗ ଆଣିଲେ ସହ ପର୍ଯ୍ୟବେକ୍ଷକ

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ନେତାମାନଙ୍କ ଦଳ ବଦଳ ବଢ଼ିବାରେ ଲାଗିଛି। ଗତ ୨୨ ତାରିଖରେ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ ତାଙ୍କର ସମର୍ଥକମାନଙ୍କ ସହିତ ଦଳ ଛାଡିଥିଲେ। ଦୁର୍ବଳ ନେତୃତ୍ୱ ଓ ରାଜ୍ୟ ପଦାଧିକାରୀଙ୍କ ତାଙ୍କପ୍ରତି ଅଣଦେଖା ତାଙ୍କୁ ଦଳ ଛାଡିବାକୁ ବାଧ କଲା ବୋଲି ଅଭିଯୋଗ କରିଥିଲେ। ବିଜେଡି ଜିଲା ନେତୃତ୍ୱ ନୂଆଦିହିସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ କରି ବିଶ୍ୱନାଥଙ୍କ ଅଭିଯୋଗ ମିଥ୍ୟା ଭିତ୍ତିହୀନ ଓ ସ୍ୱାର୍ଥ ସମ୍ବଳିତ ବୋଲି ପ୍ରକାଶ କରିଛନ୍ତି ଜିଲା ସହ ପର୍ଯ୍ୟବେକ୍ଷକ ହାରେକୃଷ୍ଣ ସରଙ୍ଗୀ। ସରଙ୍ଗୀ କହିବା କଥା ବିଶ୍ୱନାଥଙ୍କୁ ଦଳ କୌଣସି ପ୍ରକାର ଅଣଦେଖା କରିନାହିଁ ସେ ସାଧାରଣ ସମ୍ପାଦକ ଥାଇ ଦୀର୍ଘ ୨ ବର୍ଷ ହେବ ଅଳକା ମହାନ୍ତିଙ୍କ ପ୍ରତିନିଧି ଭାବେ ରହି କାର୍ଯ୍ୟ କରିଆସୁଥିଲେ। ବିଧାୟିକାଙ୍କ ସମସ୍ତ ପାଣ୍ଠିକୁ ସେ କର୍ମୀମାନଙ୍କ ମଧ୍ୟରେ ବଣ୍ଟନ କରୁଥିଲେ। ବିଧାୟିକଙ୍କ ପ୍ରତ୍ୟେକ ସଭାସମିତି ସେ ସଂଯୋଜନା କରୁଥିଲେ। ସେ ଆଜି ଯେଉଁ ଜାଗାରେ ଅଛନ୍ତି ସେ ସବୁ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଦାନ ବ୍ରଜରଜନଗର ବାସି ଭଲ ଭାବରେ ଏ କଥା ଜାଣିଛନ୍ତି ବିଗତ କିଛିଦିନ ହେବ ସେ ଦଳୀୟ ଟିକେଟ ପାଇଁ ଲବି କରିଥଲେ ଦଳ ତାଙ୍କୁ ଟିକେଟ ନ ଦେବାରୁ ସେ ଦଳ ଛାଡିଛନ୍ତି ବୋଲି ସରଙ୍ଗୀ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନିକୁ ନଗର ସଭାପତି ରାଧାକାନ୍ତ ପ୍ରଧାନ ପରିଚାଳନା କରିଥିଲେ ବରିଷ୍ଠ ବିଜେଡି ନେତା କୁଳାମାଣିଦାସ ମିତ୍ରଭାନୁ ଯୋଶୀ ମହେନ୍ଦ୍ର ନାୟକ ଟିକେଶ୍ୱର ସେନାପତି ନାରୀନେତ୍ରୀ ସାଧନା ସାମନ୍ତରାୟ ନଳିନୀ ପ୍ରଧାନ ନଗରପାଳ ଯଜ୍ଞସେନୀ ଓରାମ ଓ ୱାର୍ଡ ସଭ୍ୟାମାନେ ଉପସ୍ଥିତ ଥିଲେ।

# କଂଗ୍ରେସ ଛାଡ଼ିଲେ ସାଧାରଣ ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ




ଖବରଦାତା ସମ୍ମିଳନୀରେ ବିଧୁଭୂଷଣ ତ୍ରିପାଠୀ ଓ ଅନ୍ୟମାନେ ସୂଚନା ଦେଉଛନ୍ତି।

ବଲାଙ୍ଗୀର,୨୪।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀ କରି କଂଗ୍ରେସ ଦଳ ରାଜ୍ୟ ସାଧାରଣ ସମ୍ପାଦକ, ଏଆଇସିସି ସଭ୍ୟ ବିଧୁଭୂଷଣ ତ୍ରିପାଠୀ କଂଗ୍ରେସ ଦଳରୁ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ତ୍ରିପାଠୀ ଏଆଇସିସି ସଭ୍ୟ, ପ୍ରାଥମିକ ସଦସ୍ୟ ପଦ ଏବଂ ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ରକୁ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ୍‌ଗେ ଓ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କୁ ପଠାଇ ଦେଇଥିବା ସେ ସୂଚନା ଦେଇଥିଲେ। ବିଧୁଭୂଷଣ ଖବରଦାତା ସମ୍ମିଳନୀରେ କଂଗ୍ରେସର ରାଜ୍ୟସ୍ତରୀୟ ନେତୃତ୍ୱ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। କଂଗ୍ରେସର ପ୍ରଗମନ ଆପ୍‌ର ଫଳାଫଳକୁ ଭିତ୍ତି ନ କରି ବଲାଙ୍ଗୀର ଲୋକସଭା ମଣ୍ଡଳୀ ବାହାରୁ ଜଣେ ବ୍ୟକ୍ତିଙ୍କୁ ବଲାଙ୍ଗୀର ଲୋକସଭା ପ୍ରାର୍ଥୀ କରିବାକୁ ସେ ବିରୋଧ କରିଥିଲେ। ସେ କହିଥିଲେ ଯେ, ବଲାଙ୍ଗୀର ଓ ସୋନପୁର ଜିଲାର କୌଣସି ଯୁବ ବା ବରିଷ୍ଠ କଂଗ୍ରେସ କାର୍ଯ୍ୟକର୍ତ୍ତା କିମ୍ବା ସଦସ୍ୟଙ୍କୁ ବଲାଙ୍ଗୀର ଲୋକସଭା ପ୍ରାର୍ଥୀ ନ କରି ସମ୍ବଲପୁରର ଜଣେ ଅଣ ରାଜନୈତିକ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯିବା ଫଳରେ ଏଠାକାର ଯୁବବର୍ଗ ଓ ପୁରୁଣା କାର୍ଯ୍ୟକର୍ତ୍ତା ହତାଶ ହୋଇଛନ୍ତି। ଏଥିପାଇଁ ସେ ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଏବଂ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଭକ୍ତ ଦାସଙ୍କୁ ଦାୟୀ କରି ତାଙ୍କ ବିରୋଧରେ ଗର୍ଜିଥିଲେ। ଦୀର୍ଘ ୩୫ ବର୍ଷ ଧରି କଂଗ୍ରେସ ଦଳର ବିଭିନ୍ନ ପଦପଦବୀରେ ରହି ନିଷ୍ଠାର ସହ କାର୍ଯ୍ୟ କରିଥିଲେ ବୋଲି କହି କଂଗ୍ରେସରୁ ସମ୍ପର୍କ ଛିନ୍ନ କରିଥିବା ଘୋଷଣା କରିଥିଲେ। ଏବେ ଯେଉଁ ବ୍ୟକ୍ତିଙ୍କୁ ଦଳ ଏମପି ପ୍ରାର୍ଥୀ କରିଛି ସେ ଜୟ କୋଶଲ ନାରା ଦେଉଛନ୍ତି। ମାତ୍ର କଂଗ୍ରେସର ମେନିଫେଷ୍ଟୋରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ପ୍ରସଙ୍ଗ ରହିଛି କି ବୋଲି ପ୍ରଶ୍ନ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଲୋକସଭା ପର୍ଯ୍ୟବେକ୍ଷକ ଗ୍ଲେଡଷ୍ଟୋନ୍ ତାଣ୍ଡି, ଲୋଇସିଂହ ବିଧାୟକ ଆଶାୟୀ ପ୍ରାର୍ଥୀ ଅର୍ଜୁନ ମୁଗ୍ରୀ, ଦୟାନିଧି ବିଶି, ଜିତେନ୍ଦ୍ର କୁମାର ବାଗ ଓ ଅନ୍ୟମାନେ ଦଳରୁ ଇସ୍ତଫା ଦେଇଥିବା ଘୋଷଣା କରିଥିଲେ।

# କାଠ ଗଣ୍ଡି ସହ ୫ ଅଭିଯୁକ୍ତ ଗିରଫ

ବୌଦ୍ଧ,୨୪।୪ (ଅଜିତ କୁମାର ବାରିକ)

ବୌଦ୍ଧ ରେଞ୍ଜର ଖଜୁରୀପଡା ସେକ୍ସନ ଅନ୍ତର୍ଗତ ନାଗାର୍ଜ୍ଜୁନ ସଂରକ୍ଷିତ ଜଙ୍ଗଲରୁ କାଠଗଣ୍ଡି ଚାଲାଣ ବେଳେ ବନ କର୍ମଚାରୀଙ୍କ ଦ୍ୱାରା ୫ ଜଣ ଗିରଫ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ନାଗାର୍ଜ୍ଜୁନ ସଂରକ୍ଷିତ ଜଙ୍ଗଲରୁ ଗତ ମଙ୍ଗଳବାର ରାତିରେ କାଠଗଣ୍ଡି ଚାଲାଣ ହେଉଥିବା ଖବର ପାଇ ବୌଦ୍ଧ ରେଞ୍ଜର ବନ କର୍ମଚାରୀମାନେ ଚଢାଉ କରିଥିଲେ। ବାରପୁଗୁଡୁ ଗ୍ରାମର ସୁମନ୍ତ ମହାକୁଡ(୩୨), ଦୁଷନ୍ତ ଭୋଇ (୨୨), ଅରକ୍ଷିତ ଡାଙ୍ଗ (୩୩), ଅଙ୍ଗମାନନ୍ଦ ସାହୁ (୨୪) ଓ ମକରଧ୍ୱଜ ଭୋଇ (୩୦) ବଳଦ ସହାୟତାରେ କାଠଗଣ୍ଡିକୁ ନେଉଥିବା ବେଳେ ବନ କର୍ମଚାରୀମାନଙ୍କ ଦ୍ୱାରା ଧରା ପଡିଥିଲେ। ଅଭିଯୁକ୍ତ ମାନଙ୍କ ପାଖରୁ ୫ ଗୋଟି ଶାଳ ଗଣ୍ଡି ଜବତ କରାଯାଇଚି । ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଚଢାଉରେ ଏସିଏଫ ଆଶିଷ କହଁର, ବନପାଳ ମାଳତୀ ମାଝୀ, ସୁଶୀଲ ହୋତା, ଫରେଷ୍ଟ ଗାର୍ଡ ପ୍ରକାଶ ପ୍ରଧାନ, ପ୍ରଦୀପ ସାହୁ , ସନ୍ତୋଷ ମଲିକ, ପ୍ରଶାନ୍ତ ସେଠୀ ଓ ରମାକାନ୍ତ ପାଣିଗ୍ରାହୀ ସାମଲ ଥିଲେ।

# ନିର୍ବାଚନୀ ପ୍ରଚାରରେ ବିଧାୟିକା ପ୍ରାର୍ଥିନୀ ଅରୁନ୍ଧତୀ ଦେବୀଙ୍କୁ ବିରୋଧ



ଦେବଗଡ଼,୨୪।୪(ଶଶାଙ୍କ ଶେଖର ଝାଙ୍କର)

### ସୋସିଆଲ ମିଡିଆରେ ଭାଇରାଲ ହେଉଛି ଭିଡିଓ

ବିଜେଡି ବିଧାୟିକା ପ୍ରାର୍ଥିନୀ ଅରୁନ୍ଧତୀ ଦେବୀଙ୍କୁ ନିର୍ବାଚନ ପ୍ରସାର ବେଳେ ନାନା ପ୍ରଶ୍ନ ପଚାରିଛନ୍ତି ଜିଲାବାସୀ। ଭୋଟ ମାଗିବାକୁ ଯାଇ ଥିବା ସମୟରେ ଲୋକଙ୍କ ପ୍ରଶ୍ନ ବାଣରେ ଘାଇଲା ହୋଇଛନ୍ତି। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏପରିକି ତାଙ୍କର ମଜାକ ଉଡାଉଛନ୍ତି। ଆଉ ମୁହେଁ ମୁହେଁ ସମାଲୋଚନା କରୁଛନ୍ତି। ଅରୁନ୍ଧତୀ ବିଜେଡିରେ ମିଶିବାର ଗୋଟିଏ ଦିନ ପରେ ବିଧାୟକ ପ୍ରାର୍ଥିନୀ ହୋଇଥିଲେ। ପ୍ରାର୍ଥୀ ହେବା ପରେ ପୁଅ ସହ ମିଶି ପ୍ରଚାର ଆରମ୍ଭ କରିଛନ୍ତି ଅରୁନ୍ଧତୀ। କିଛି ଦିନ ତଳେ ସେ ଓ ତାଙ୍କ ପୁଅ ତଥା ଯୁବରାଜ ରିଆମାଳ ବ୍ଲକ ଖଇରପାଲି ଗାଁକୁ ଯାଇଥିଲେ। ଗାଁ ଲୋକେ ପ୍ଲାଷ୍ଟିକ ଚେୟାରରେ ଗାଁ ଦାଣ୍ଡରେ ବସାଇଥିଲେ। ଆଉ ନିଜ ଢଙ୍ଗରେ ଲୋକଙ୍କୁ ଭୋଟ ମାଗିଥିଲେ। ବିଜେଡିକୁ ଭୋଟ ଦେବା ପାଇଁ ଅପିଲ କରିଥିଲେ। ଭୋଟ ମାଗିବାକୁ ଦେଖି ତାତି ଯାଇଥିଲେ ପ୍ରଜା। ଆଉ ପଚାରିଥିଲେ ପ୍ରଶ୍ନ ପରେ ପ୍ରଶ୍ନ। ଯାହାର ଭିଡିଓ ଏବେ ସୋସିଆଲା ମିଡ଼ିଆରେ ଭାଇରାଲ ହେଉଛି। ଭିଡିଓରେ ଦେଖିବାକୁ ମିଳୁଛି ଜଣେ ବ୍ୟକ୍ତି ପଚାରୁଛନ୍ତି (ଅରୁନ୍ଧତୀ ଦେବୀ) ଆଗରୁ କେଉଁଠି ଥିଲେ। ଏହାର ଜବାବରେ ଅରୁନ୍ଧତୀ ଦେବୀ କହୁଛନ୍ତି, ଆଗରୁ କିଛି ନ ଥିଲି। ଏବେ ଟିକେଟ ମିଳିଲା ବୋଲି ଆସିଲି। ମୁଁ ଚାହୁଁଛି ପିଲାମାନେ ଭଲ ମଣିଷ ହୁଅନ୍ତୁ। ଅନ୍ୟପକ୍ଷରେ ପୂର୍ବରୁ ଆପଣଙ୍କ ସ୍ୱାମୀ ବିଧାୟକ ଓ ଏମ୍‌ପି ହେଇଥିଲେ, କିନ୍ତୁ ଜିଲା ପାଇଁ କ'ଣ କରିଛନ୍ତି, କେତେ ବେଳେ କଂଗ୍ରେସ ତା ପରେ ଭାଜପା ଏବେ ବିଜେଡ଼ି କେବଳ ଦଳ ପରିବର୍ତ୍ତନ କରୁଛନ୍ତି । କିନ୍ତୁ ଜିଲା ପାଇଁ କିଛି ଉନ୍ନତି ନାହିଁ, ଏପରି ନାନା ପ୍ରଶ୍ନ କରିଥିଲେ ଗ୍ରାମବାସୀ। ଯାହା ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି।

# ପାଉଣା ପାଇ ନ ଥିବା ଅଭିଯୋଗ ଆଣିଲେ ହିତାଧିକାରୀ

ଖପ୍ରାଖୋଲ,୨୪।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ପତ୍ରାପାଲି ଗାଁର ହିତାଧିକାରୀମାନେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତ ଯୋଜନାରେ ଜମି ଉନ୍ନତି କାମ କରି ବର୍ଷେ ହେଲା ପାଉଣା ପାଇ ନ ଥିବା ଖପ୍ରାଖୋଲ ବିଡ଼ିଓଙ୍କ ଠାରେ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପତ୍ରାପାଲି ଗାଁର ହିତାଧିକାରୀମାନେ ଉକ୍ତ ଯୋଜନାରେ ଜମି ଉନ୍ନତି ପାଇଁ କାର୍ଯ୍ୟାଦେଶ ପାଇଥିଲେ । ହେଲେ ପ୍ରଥମ ପର୍ଯ୍ୟାୟରେ କିଏ ୧୦ ହଜାର ତ କିଏ ୨୦ହଜାର ଟଙ୍କା ପାଉଣା ପାଇଥିବା ବେଳେ ବର୍ଷେ ହେଲା ଅଧା ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଭେଟି ଅଭିଯୋଗ କରିବା ସହ ତୁରନ୍ତ ପାଉଣା ଦେବାକୁ ନିବେଦନ କରିଛନ୍ତି। ଏନେଇ ବିଡ଼ିଓ ଷଡ଼ଙ୍ଗୀଙ୍କୁ ପଚାରିବାରେ ପୂର୍ବରୁ ଅଭିଯୋଗ ପାଇ ନ ଥିଲୁ ଏବେ ହିତାଧିକାରୀ ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବହି ଦିବସରେ 'ଛୋଟ ହେଲେ ବି ମହାନ୍' କାର୍ଯ୍ୟକ୍ରମ ଶୁଭାରମ୍ଭ

ଝାରସୁଗୁଡ଼ା,୨୪।୪ (ସଞ୍ଜୟ ମାଲି)

### ବହି ଦିବସରେ ଭାରତ ରତ୍ନ ସାହିତ୍ୟ ଓ ସଂସ୍କୃତି ପରିଷଦ

ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରସାର ଦିଗରେ କାର୍ଯ୍ୟରତ ଅଗ୍ରଣୀ ସଂସ୍ଥା ଭାରତ ରତ୍ନ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ବହି ଦିବସରେ ଆରମ୍ଭ ହୋଇଛି 'ଛୋଟ ହେଲେ ବି ମହାନ' କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ମହାପୁରୁଷ ପ୍ରତିମୂର୍ତ୍ତି ସ୍ଥାପନା ପରେ ଧୂଳି ଧୂସର ହୋଇଥିବା ପ୍ରତିମୂର୍ତ୍ତି ସଫେଇ କରି ଉପଯୁକ୍ତ ପୂଜ୍ୟପୂଜାର ସମ୍ମାନ ଦେବା ଏହାର ଉଦ୍ଦେଶ୍ୟରେ ପରିଷଦ କାର୍ଯ୍ୟରତ। ଏହି ଅବସରରେ କିଛି ସାହିତ୍ୟିକ ଓ ସାମାଜିକ କର୍ମୀଙ୍କ ମିଳିତ ସହଯୋଗରେ ଝାରସୁଗୁଡା ସୁନାରୀ ମୁଣ୍ଡାଛକରେ ଥିବା ଭାରତ ରତ୍ନ ଡ଼.ବାବା ସାହେବ ଭୀମ ରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସଫେଇ କରାଯାଇଛି। ପରିଷଦ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ନେତୃତ୍ୱରେ ସଭାପତି ଡକ୍ଟର ସରୋଜ କୁଅଁର, ସମ୍ପାଦକ ନୀକୁଞ୍ଜ ବିହାରୀ ମିଶ୍ର, ଅଧ୍ୟକ୍ଷ ଅନନ୍ତରାମ ସାହୁ, ଉପଦେଷ୍ଟା ଫକୀର ମୋହନ ବାରିକ, ନିବେଦିତା ମିଶ୍ର, ଲକ୍ଷ୍ମୀ ପ୍ରିୟା ପଣ୍ଡା, ସଭ୍ୟ ହରିଶଙ୍କର ପୁରୋହିତ, ଉପେନ୍ଦ୍ର ଭଇଁଶା, ରସରାଜ ବର୍ଗର୍ତ୍ତି, ଆଲୋକ ଷାଣ୍ଡ, ଗୁଣନିଧି ଭୈସା ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତି ସଫେଇ କରିଥିଲେ। ଏହା ପରେ ବହି ଦିବସ ଉପଲକ୍ଷେ କବି କବିୟତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିବା ବେଳେ ଡକ୍ଟର କୁଅଁର, ବାରିକ ଓ ଅଧ୍ୟକ୍ଷ ସାହୁ ବହିର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ସପ୍ତାହରେ ଥରେ ସଫେଇ କାମ କରାଯିବ ବୋଲି ପରିଷଦ ପକ୍ଷରୁ ପ୍ରତିଷ୍ଠାତା ମିଶ୍ର ପ୍ରକାଶ କରିଥିଲେ।

# ବିଜେଡି କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ଝାରସୁଗୁଡ଼ା,୨୪।୪ (ସଞ୍ଜୟ ମାଲି)

ସଦର ବ୍ଲକ ଅନ୍ତର୍ଗତ ଖେରୁଆଲଠାରେ ବିଜୁ ଜନତା ଦଳ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କର୍ମୀ ସମ୍ମିଳନୀରେ ବରଗଡ ଲୋକ ସଭା ସଦସ୍ୟ ପ୍ରାର୍ଥୀ ପରୀନିତା ମିଶ୍ର, ବିଧାନସଭା ପ୍ରାର୍ଥୀ ସୁଶ୍ରୀ ଦିପାଲି ଦାସ, ଜିଲା ପର୍ଯ୍ୟବେକ୍ଷକ ବିଷ୍ଣୁ କେଡିଆ, ଜିଲା ସଭାପତି ରବି ସିଂ, ଜିଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ, ବ୍ଲକ ଅଧ୍ୟକ୍ଷ ଦାମୋଦର ନାଥ, ବରିଷ୍ଠ ସକ୍ରିୟ କର୍ମୀ ସୁଶାନ୍ତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓ ଟାଣୁଆ ନେତା, ଝାରସୁଗୁଡ଼ା ଜିଲା ପାଇଁ ନିଜକୁ ସମର୍ପିତ କରିଥିବା ସ୍ୱର୍ଗୀୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଏବଂ ପଶ୍ଚିମାଞ୍ଚଳ ଇଷ୍ଟଦେବୀ ମା' ସମଲେଶରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଦିପ ପ୍ରଜ୍ୱୋଳନ ପରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଛବିକୁ ଅନୁସରଣ କରି ତଥା ସୁଶ୍ରୀ ଦିପାଲି ଦାସଙ୍କ ୮ମାସର ବିକାଶମୂଳକ କାର୍ଯ୍ୟରୁ ପ୍ରଭାବିତ ହୋଇ ଗ୍ରାମାଞ୍ଚଳର ଶତାଧିକ ଅନ୍ୟ ଦଳର କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ପ୍ରଶ୍ନ ପଣ୍ଡା ଓ ବାବଲୁ ବାଗଙ୍କ ନେତୃତ୍ୱରେ ତାଲପଟିଆ ପଞ୍ଚାୟତର ୭୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିବା ବେଳେ ବଡମାଲ, ଏଚ କଣ୍ଟାପାଲି, ପତ୍ରାପାଲି, ହିମା, କାତିକେଲା, ଦଳକି ଗ୍ରାମପଞ୍ଚାୟତର ଶହ ଶହ ଲୋକ ବିଜେଡିରେ ଯୋଗଦେଇଛନ୍ତି। ବିଧାୟିକା ପ୍ରାର୍ଥୀ ସୁଶ୍ରୀ ଦିପାଲି ଦାସ ନିଜ ବକ୍ତବ୍ୟରେ ସ୍ୱର୍ଗତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଝାରସୁଗୁଡ଼ା ସହ ପ୍ରତ୍ୟେକ ଗ୍ରାମାଞ୍ଚଳରେ କୀର୍ତ୍ତନ ମଣ୍ଡପ ଓ କଲ୍ୟାଣ ମଣ୍ଡପ ନିର୍ମାଣ କରି ନିଜ ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ଏହି ବିକାଶ ମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ସଦା ସର୍ବଦା ନିଜକୁ ୩୬୫ ଦିନ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। ଏହା ସହ ଭାଜପା ସବୁ ସମୟରେ ଜନସାଧାରଣଙ୍କୁ ଅନ୍ଧାରରେ ରଖି ଜନବିରୋଧି କାର୍ଯ୍ୟ କରି ଆସୁଛନ୍ତି ବୋଲି କହି ଏଥର ୬୦ ହଜାର ପାର ନାରା ଦିଆଯାଇଛି। ଏହି ସଭା କୃଷ୍ଣଚନ୍ଦ୍ର ବଢେଇ ପରିଚାଳନା କରିଥିବା ବେଳେ ଶହ ଶହ ଦଳୀୟ କର୍ମୀ ଯୋଗଦେଇଥିଲେ।



# ପଳସମାରେ ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର

ଦେବଗଡ଼,୨୪।୪(ଶଶାଙ୍କ ଶେଖର ଝାଙ୍କର)



ବିଜେଡିର କର୍ମୀ ସମ୍ମିଳନୀରେ ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଏବଂ ବିଧାନସଭା ପ୍ରାର୍ଥିନୀ ଅରୁନ୍ଧତୀ କୁମାରୀ ଦେବୀଙ୍କ ସହ ଅନ୍ୟମାନେ।

### ଯୋଡି ଶଙ୍ଖରୁ ଶୁଭିବ ବିକାଶର ସ୍ୱର: ପ୍ରଣବ ପ୍ରକାଶ ଦାସ

ସମଗ୍ର ଓଡ଼ିଆ ଏକ ପରିବାର। ବିଜୁ ଜନତା ଦଳ ଏକ ପରିବାର। ଏହି ପରିବାରର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ଆମ ସାଥୀରେ ଅଛନ୍ତି ବୋଲି ବୁଧବାର ଦେବଗଡ ଜିଲା ପଳସମା ଗ୍ରାମରେ ଆୟୋଜିତ ବିଜେଡିର କର୍ମୀ ସମ୍ମିଳନୀ ତଥା ନିର୍ବାଚନ ପ୍ରଚାରରେ କହିଛନ୍ତି ବିଜେଡିର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ଏହି ଅବସରରେ ଦାସ ଆହୁରି କହିଥିଲେ ଯେ, ଆପଣମାନଙ୍କ ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋତେ ପଠାଇଛନ୍ତି। ଆପଣମାନଙ୍କ ଆଶୀର୍ବାଦ ମିଳିଲେ ଦିଲ୍ଲୀ ଦରବାରରେ ଏ ଅଞ୍ଚଳର ସ୍ୱର ଶାଣିତ କରିବି। ପଶ୍ଚିମ ଓଡିଶାରୁ ଭାଜପାର ୫ଜଣ ଏମ୍‌ପିଙ୍କୁ ଆପଣମାନେ ନିର୍ବାଚିତ କରି ପଠାଇଥିଲେ। କିନ୍ତୁ ଅଞ୍ଚଳର ବିକାଶ ପାଇଁ ଆଜି ପର୍ଯ୍ୟନ୍ତ ସେମାନେ ମୁହଁ ଖୋଲିନାହାନ୍ତି। ବିଜେଡି ଉପରେ ଭରସା କରନ୍ତୁ। ଏଥର ଯୋଡି ଶଙ୍ଖରୁ ବିକାଶର ସ୍ୱର ଶୁଭିବ ବୋଲି ପ୍ରକାଶ ନିର୍ବାଚନୀ ସଭାରେ ଉପସ୍ଥିତ ହଜାର ହଜାର କର୍ମୀ, ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ଭରସା ଦେଇଥିଲେ। ଜିଲା ବିଜେଡି ସଭାପତି ଇଂ ଚିତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଜେଡି ଦେବଗଡ ବିଧାନ ସଭା ପ୍ରାର୍ଥିନୀ ଅରୁନ୍ଧତୀ କୁମାରୀ ଦେବୀ ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇଙ୍କ ସମେତ ବହୁ ବିଜେଡି ନେତା ନିଜର ବକ୍ତବ୍ୟ ବଉପସ୍ଥାପନ କରି ଦଳୀୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସେହିପରି ଦେବଗଡ ଜିଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ, ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବରିଷ୍ଠ ବିଜେଡି ନେତା ସଞ୍ଜିତ କୁମାର ମହାନ୍ତି ଓ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟା ବାସନ୍ତୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୁତି ଗଙ୍ଗଦେବ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଲଳିତ ମୋହନ ପ୍ରଧାନ,ଏସ୍‌ଡିସିସି ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଉମାଶଙ୍କର ସାହୁ, ଲିଙ୍ଗରାଜ ସାହୁ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନ,ଅର୍ଚ୍ଚନା ପ୍ରଧାନ, ବିଜେଡି ଦେବଗଡ ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଞ୍ଜନ କୁମାର ସାହୁ, ରିଆମାଳ ବ୍ଲକ ବିଜେଡି ସଭାପତି ବୈକୁଣ୍ଠ ପାଇକରାୟ, ତରଣିସେନ ପ୍ରଧାନ, ରାଜକିଶୋର ଦାଶଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ବିଜେଡି ଏମ୍‌ପି ପ୍ରାର୍ଥୀ ଦାସ ପଳସମା ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ହଜାର ହଜାର ଲୋକ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

## ସଂକ୍ଷେପରେ

### ସଟ୍ଟାରେ ଚଢ଼ାଉ, ୬ ଗିରଫ

**ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଟାଉନ ଥାନା ପୋଲିସ ମଙ୍ଗଳବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଡ୍ୟାମ କଲୋନୀର ଚାଣ୍ଟି ଛତ୍ରିଆ, ଲୋକେଶ୍ୱର ଛୁଟି, ନୂଆପଡ଼ାର କୁବେର ତାଣ୍ଡି, ବାନ୍ଧୁଟିକ୍ରାର ସାନ ଛତର, କୁମ୍ଭାରପଡ଼ାର ରମା ସାହୁ ଏବଂ ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତୋରାର କ୍ଷୀରୋଦ ଧରାଇ। ସେମାନଙ୍କ ପାଖରୁ ନଗଦ ୧୭ ହଜାର ୬୫୫ଟଙ୍କା, ୨ ବାଇକ୍, ୭ଟି ସଟ୍ଟାଚାର୍ଟ, ୬ କାଲକୁଲେଟର, ୧୨ଟି ମାର୍କର ପେନ୍, ସଟ୍ଟାଚିଟ୍ ଆଦି ଜବତ ହୋଇଛି। ବରଗଡ଼ ସହର, ହାଟପଦା, ଗୁରୁଦ୍ୱାରା ଛକ, ଭଟଲି ଛକ ଏବଂ ଲମ୍ବା ବିଲଡ଼ିଂ ଅଞ୍ଚଳରେ ଚଢ଼ାଉ କରି ପୋଲିସ ସେମାନଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ୫ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଯାଞ୍ଚବେଳେ ବାଇକ୍‌ରୁ ମିଳିଲା ଗଞ୍ଜେଇ

**ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲି ଥାନା ପୋଲିସ ବୁଧବାର ଯାଞ୍ଚବେଳେ ଗଞ୍ଜେଇ ବୋଝେଇ ଏକ ବାଇକ୍ ଜବତ କରିଛି । ଏହା ସହିତ ଅଭିଯୁକ୍ତ ଚିତ୍ରେଶ୍ୱର ଭୁଏଁଙ୍କୁ ପୋଲିସ ଗିରଫ କରିଛି । ତାଙ୍କ ପାଖରୁ ୩କି.ଗ୍ରା ୬୦୦ ଗ୍ରାମ ଗଞ୍ଜେଇ ଏବଂ ନଗଦ ୩୪ ହଜାର ୬୩୦ ଟଙ୍କା ଜବତ ହୋଇଛି । ସୂଚନା ଅନୁଯାୟୀ, ଚିତ୍ରେଶ୍ୱର ଏକ ବାଇକ୍ (ନଂ. ଓଡ଼ି୧୭ଏମ ୦୪୩୩) ଯୋଗେ ଯାଉଥିବାବେଳେ ପିପଲମୁଣ୍ଡାଠାରେ ପୋଲିସ ଯାଞ୍ଚ କରିଥିଲା। ଯାଞ୍ଚବେଳେ ତାଙ୍କଠାରୁ ଗଞ୍ଜେଇ ଜବତ ହୋଇଥିଲା। ଏହାପରେ ପୋଲିସ ଅଭିଯୁକ୍ତଙ୍କ ଘରେ ମଧ୍ୟ ଚଢ଼ାଉ କରିଥିଲା। ମାତ୍ର ଘରୁ କିଛି ପାଇ ପାରି ନ ଥିଲା । ଏ ନେଇ ଭଟଲି ଥାନା ପୋଲିସ ଏକ ମାମଲା (ନଂ.୧୫୫/୨୪) ରୁଜୁ କରି ତଦନ୍ତ ଚଳାଇଛି।

### ମା',ବାପାଙ୍କୁ ଝିଅପୁଅଙ୍କ ନିବେଦନ
#### ମତଦାନ ପାଇଁ ସଚେତନତା

**ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ):**



ବରଗଡ଼ ଜିଲା ନିର୍ବାଚନ ଅଧିକାରୀଙ୍କ ସୌଜନ୍ୟରୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ସ୍କୁଲରେ ନିର୍ବାଚନ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ରାଣାପ୍ରତାପ ସ୍କୁଲରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ମା', ବାପାଙ୍କ ଉଦ୍ଦେଶ୍ୟରେ ନିର୍ବାଚନ ସମ୍ପର୍କୀତ ସଚେତନତା ପତ୍ର ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ର ସେହି ସଚେତନତା ପତ୍ର ପଢ଼ିଥିଲେ। ଉକ୍ତ ସଚେତନତା ପତ୍ରରେ ଛାତ୍ରୀଛାତ୍ରମାନେ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଭବିଷ୍ୟତକୁ ନିଶ୍ଚିତ ଓ ସୁରକ୍ଷିତ ରଖିବା ପାଇଁ ମା', ବାପାଙ୍କୁ ଜଣେ ନିର୍ଦ୍ଧାରିତ ବୁଥ୍‌କୁ ଯାଇ ମତଦାନ କରିବା ପାଇଁ ନିବେଦନ କରାଯାଇଛି। କାର୍ଯ୍ୟକ୍ରମରେ ସ୍କୁଲ ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ।

### ୨୬ରୁ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ରେ ଆସନ୍ତା ୨୬ରୁ ୟୋନେକ୍ସ ସନରାଇଜ୍ ଅଲ୍ ଓଡ଼ିଶା ଓଏସବିଏ ସିନିୟର ଷ୍ଟେଟ୍ ର୍ୟାଙ୍କିଙ୍ଗ୍ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହେବ। ବରଗଡ଼ ଜିଲା ବ୍ୟାଡ଼ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡ଼ୋର ଷ୍ଟାଡ଼ିୟମରେ ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ପ୍ରତିଯୋଗିତାରେ ପୁରୁଷ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ସିଙ୍ଗଲ୍ସ, ମହିଳା ଡବଲ୍ସ ସମେତ ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଚାଲିବ ବୋଲି ବରଗଡ଼ ଜିଲା ବ୍ୟାଡ଼ମିଣ୍ଟନ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ଜିଲା ବ୍ୟାଡ଼ମିଣ୍ଟନ ଆସୋସିଏଶନର ସଚିବ ଶିବମ ଅଗ୍ରୱାଲ, ସଭାପତି ଚନ୍ଦ୍ରପ୍ରକାଶ ଜିନ୍ଦଲ, କୋଷାଧ୍ୟକ୍ଷ ସୌରଭ ଅଗ୍ରୱାଲ, ପ୍ରତିଯୋଗିତା ସଂଯୋଜକ ଦିଲ୍ଲିପ ସାୱଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନର ନିର୍ବାଚନୀ ପ୍ରସ୍ତୁତି ଜୋର୍‌ଦାର୍

**ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ)**




ବୈଠକରେ ଜିଲାପାଳ, ରାଜନୈତିକ ଦଳର ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀବୃନ୍ଦ।

- ରାଜନୈତିକ ଦଳ, ନିର୍ବାଚନ ଅଧିକାରୀଙ୍କ ବୈଠକ
- ନିର୍ବାଚନୀ ଖର୍ଚ୍ଚ, ନାମାଙ୍କନ ପ୍ରକ୍ରିୟା ଉପରେ ସୂଚନା
- ଭିନ୍ନକ୍ଷମ ପରିଚାଳିତ ବୁଥରେ ଦିବ୍ୟାଙ୍ଗ ପୋଲିଂ ଅଧିକାରୀ
- ପାମ୍ଫଲେଟ୍ ବଣ୍ଟନରେ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ

ନିର୍ବାଚନକୁ ଅବାଧ, ନିରପେକ୍ଷ ସମାପନ ଏବଂ ସଫଳ ମତଦାନ ପାଇଁ ପ୍ରଶାସନିକ ଅଧିକାରୀମାନେ ପ୍ରସ୍ତୁତିକୁ ଜୋରଦାର୍ କରିଛନ୍ତି। ଏହି କ୍ରମରେ ବୁଧବାର ନିର୍ବାଚନୀ ଖର୍ଚ୍ଚ ଏବଂ ନାମାଙ୍କନ ପ୍ରକ୍ରିୟା ବିଷୟରେ ରାଜନୈତିକ ଦଳ ତଥା ପ୍ରାର୍ଥୀଙ୍କୁ ଅବଗତ କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଏବଂ ରାଜନୈତିକ ଦଳକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅଧ୍ୟକ୍ଷତା କରିବା ସହିତ ନାମାଙ୍କନ ପ୍ରକ୍ରିୟା ଏବଂ ନାମାଙ୍କନ ସମୟରେ ଆବଶ୍ୟକ ଦସ୍ତାବିଜ, ଜିଲାସ୍ତରରେ ନିର୍ବାଚନ ଖର୍ଚ୍ଚ ମନିଟରିଂ ନିମନ୍ତେ କରାଯାଇଥିବା ବିଭିନ୍ନ ବ୍ୟବସ୍ଥା ବିଷୟରେ ବୁଝାଇଥିଲେ। ଏହା ସହିତ ବରଗଡ଼ ସଂସଦୀୟ ନିର୍ବାଚନମଣ୍ଡଳୀ ଓ ଜିଲାର ୫ ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଧିକାରୀଙ୍କ ନାମ ଏବଂ ନାମାଙ୍କନ ପତ୍ର ଗ୍ରହଣ କରିବା ସ୍ଥାନ, ସମୟ ଆଦି ସମ୍ପର୍କରେ ସୂଚନା ଦେଇଥିଲେ।

ବରଗଡ଼ ଜିଲାରେ ଆସନ୍ତା ୨୬ରୁ ମେ ୩ତାରିଖ ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ପୂର୍ବାହ୍ନ ୧୧ଟାରୁ ୩ଟା ମଧ୍ୟରେ ପାର୍ଲାମେଣ୍ଟ ରିଟର୍ନିଂ ଅଧିକାରୀଙ୍କ ସମେତ ୬ଜଣ ରିଟର୍ନିଂ ଅଧିକାରୀ ନିଜ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଗ୍ରହଣ କରିବେ। ବରଗଡ଼ ସଂସଦୀୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଜିଲାପାଳ ଗୋୟଲ ଗ୍ରହଣ କରିବାକୁ ଥିବାବେଳେ ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀର ନାମାଙ୍କନ ପତ୍ର ପଦ୍ମପୁର ଉପଜିଲାପାଳ ଆଲୋକ ପଟେଲ, ବିଜେପୁର ନିର୍ବାଚନମଣ୍ଡଳୀର ନାମାଙ୍କନପତ୍ର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ବରଗଡ଼ ନିର୍ବାଚନମଣ୍ଡଳୀର ନାମାଙ୍କନ ପତ୍ର ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣ, ଅତାବିରା ନିର୍ବାଚନମଣ୍ଡଳୀର ନାମାଙ୍କନ ପତ୍ର ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ଭଟଲି ନିର୍ବାଚନମଣ୍ଡଳୀର ନାମାଙ୍କନ ପତ୍ର ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ନିଜ କାର୍ଯ୍ୟାଳୟରେ ଗ୍ରହଣ କରିବେ। ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବା ସମୟରେ ରିଟର୍ନିଂ ଅଧିକାରୀଙ୍କ କକ୍ଷକୁ ପ୍ରାର୍ଥୀଙ୍କ ସମେତ ୫ଜଣରୁ ଅଧିକ ଲୋକ ପ୍ରବେଶ କରି ପାରିବେ ନାହିଁ ଏବଂ କାର୍ଯ୍ୟାଳୟର ୧୦୦ ମିଟର ଦୂରତା ମଧ୍ୟରେ କେବଳ ୩ଟି ଗାଡ଼ି ନେଇ ଯାଇ ପାରିବେ।

ନିୟମ ଅନୁଯାୟୀ, ନିର୍ବାଚନ ସମ୍ବନ୍ଧୀୟ ବ୍ୟାନର, ପୋଷ୍ଟର, ପାମ୍ଫଲେଟ୍ ଆଦି ମୁଦ୍ରଣ କରିବା ଏବଂ ୧୨୭(ଏ) ଆରପି ଆକ୍ଟ ୧୯୫୧ ନିୟମକୁ ଅନୁପାଳନ କରିବା ପାଇଁ ସମସ୍ତଙ୍କୁ ସୂଚନା ଦିଆଯାଇଥିଲା। ନିର୍ବାଚନୀ ଖର୍ଚ୍ଚର ତଦାରଖ ବ୍ୟବସ୍ଥା ଏବଂ ଖର୍ଚ୍ଚର ଠିକ୍ ଡକ୍ୟୁମେଣ୍ଟେସନ୍ ପ୍ରକ୍ରିୟା ବିଷୟରେ ଅତିରିକ୍ତ ଜିଲାପାଳ ମହାପାତ୍ର ଏବଂ ବରଗଡ଼ ଉପଜିଲାପାଳ ନାଗଭୂଷଣ ସମସ୍ତଙ୍କୁ ବିସ୍ତୃତଭାବେ ବୁଝାଇଥିଲେ। ଏତଦବ୍ୟତୀତ ଜିଲାର ସମସ୍ତ ନିର୍ବାଚନମଣ୍ଡଳୀରେ ଗୋଟିଏ ଲେଖାଏଁ ଭିନ୍ନକ୍ଷମ ପରିଚାଳିତ ବୁଥ୍‌ରେ ସଫଳ ମତଦାନ ନିମନ୍ତେ ଭିନ୍ନକ୍ଷମ ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେହିପରି ସମସ୍ତ ଖବରକାଗଜ ବିତରକମାନଙ୍କୁ ୧୨୭(ଏ) ଆରପି ଆକ୍ଟର ନିୟମ ଏବଂ ଦଣ୍ଡବିଧାନ ସମ୍ବନ୍ଧରେ ତାଲିମ ଦେବା ସହିତ ପାମ୍ଫଲେଟ୍ ଗୁଡ଼ିକୁ ବାଣ୍ଟିବା ସମୟରେ ସତର୍କତା ଅବଲମ୍ବନ ପାଇଁ ଅତିରିକ୍ତ ଜିଲାପାଳ ମହାପାତ୍ର ପରାମର୍ଶ ଦେଇଥିଲେ।

## ପପଙ୍ଗା ପାହାଡ଼ ମହୋତ୍ସବ ପାଇଁ କଳସ ଯାତ୍ରା

**ଭେଡେନ,୨୪।୪ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଐତିହାସିକ ପପଙ୍ଗା ପାହାଡ଼ ମହୋତ୍ସବ ଅବସରରେ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଶ୍ରୀହରି ନାମଯଜ୍ଞ ଓ ବିଶ୍ୱଶାନ୍ତି ଯଜ୍ଞ ପାଇଁ ବୁଧବାର ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ଅଧକ୍ଷା ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ସହସ୍ରାଧିକ ଲୋକେ ଯୋଗଦାନ କରି ଘଣ୍ଟ, ଦୁଲଦୁଲି ସହିତ ପପଙ୍ଗା ଗାଁରୁ ପାହାଡ଼ ପର୍ଯ୍ୟନ୍ତ କଳସ ଯାତ୍ରା ହୋଇଥିଲା। ପୂଜାରେ ଲକ୍ଷ୍ମୀ ନାରାୟଣ ହୋତା ସହ ମିନାକ୍ଷୀ ହୋତା, ସାନନ୍ଦ କର୍ଣ୍ଣ ଓ ହେମବତି କର୍ଣ୍ଣ, ପରମେଶର କର୍ଣ୍ଣ ସହ ମନ୍ଦାକିନି କର୍ଣ୍ଣ, କୁଷ୍ଣଚନ୍ଦ୍ର କୁସୁଲିଆ ସହ ସୁବାସିନୀ କୁସଲିଆ, କହ୍ନେଇଲାଲ କୈବର୍ତ୍ତ ଓ ଗାୟତ୍ରୀ କୈବର୍ତ୍ତ ପ୍ରମୁଖ କର୍ତ୍ତା କାର୍ଯ୍ୟ ତୁଲାଇଥିବାବେଳେ କୈଳାସ ବ୍ରହ୍ମଚାରୀ ଓ ଘନଶ୍ୟାମ ବାନପ୍ରସ୍ତ ପୂଜା କାର୍ଯ୍ୟ ତୁଲାଉଛନ୍ତି।

# ସଚେତନତା ସୃଷ୍ଟି କଲେ ଛାତ୍ରୀଛାତ୍ର



ରୁଚିଦା ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା ।



ଭୁକ୍ତା ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା ।

**ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ରୁଚିଦାସ୍ଥିତ ପୁରୁଷୋତ୍ତମ ହାଇସ୍କୁଲରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜୟ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଏକ କ୍ଷୁଦ୍ର ନାଟିକା ପ୍ରଦର୍ଶନ ସହିତ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷ ଜୟପ୍ରକାଶ ବେହେରା, ଅବସରପ୍ରାପ୍ତ ଶିକ୍ଷକ ସୁଲଳିତ ପାତ୍ର, ଜଳନ୍ଧର ପ୍ରଧାନ, ବିଦ୍ୟାଳୟ ପରିଚାଳନା, ଉନ୍ନୟନ କମିଟିର ସଦସ୍ୟ ରଞ୍ଜିତ ପ୍ରଧାନ, ସୁନୀତା ସା, ରାଜକୁମାରୀ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଭାତ ନାଏକ, ବଳରାମ ରଣା, ଶିକ୍ଷୟିତ୍ରୀ ରୀନା କୁମାରୀ ମେହେର, ମେନକା ସୁନା, ତନୟା ତନସନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ସ୍କାଉଟ୍, ଜୁନିୟର ରେଡ଼କ୍ରସ, ଷ୍ଟୁଡେଣ୍ଟ ପୋଲିସ କ୍ୟାଡ଼େଟର୍ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ଅମ୍ବାଭୋନା ବ୍ଲକ ଭୁକ୍ତାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର କ୍ଷୁଦ୍ର ନାଟିକା ପ୍ରଦର୍ଶନ ସହିତ ଶୋଭାଯାତ୍ରାରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ସହ ଗୋଷ୍ଠି ଶିକ୍ଷା ଅଧିକାରୀ ମୋହନ ଚରଣ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷକ ସଞ୍ଜୟ ଖମାରୀ, ଅମୂଲ୍ୟ ଭୋଇ, ଅଙ୍କିତ ମହାନ୍ତ, ସୁବାସ ଚନ୍ଦ୍ର ଖମାରୀ, ବୋଧରାମ ବିଶ୍ୱାଳ, ପ୍ରଶାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ସୌଦାମିନୀ ବାରିକ, ଅନୀତା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସାନନ୍ଦ ଦେହେରୀ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଛାତ୍ରୀମାନେ।

## ବୈଶାଖ ମେଳାରେ ଜଳଛତ୍ର ଖୋଲିବା ପାଇଁ ପ୍ରସ୍ତୁତି

**ପାଇକମାଳ, ୨୪।୪(ବଡ ଶତପଥୀ)**

ବରଗଡ ଜିଲା ନୃସିଂହନାଥ ପୀଠରେ ହେବାକୁ ଥିବା ବୈଶାଖ ମେଳାରେ ଜନ କଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ୪ଦିନ ଧରି ଜଳଛତ୍ର ଖୋଲିବା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ନୃସିଂହନାଥ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ମୁକୁନ୍ଦ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜନ କଲ୍ୟାଣ ସେବା ଟ୍ରଷ୍ଟ ପାଇକମାଳ ମଣ୍ଡଳର ସମସ୍ତ ସହଯୋଗୀମାନେ ଉପସ୍ଥିତ ଥାଇ ୪ ଦିନ ଧରି ୪ ପ୍ରକାରର ସରବତ ପ୍ରଦାନ କରାଯିବ ବୋଲି ମତ ପ୍ରକାଶ ହୋଇଛି। ଦହିପାଣି, ଲେମ୍ବୁ ପାଣି, କୁଆସ, ବେଲପଣା ଦିଆଯିବ ବୋଲି ବୈଠକ ଆଲୋଚନା ହୋଇଥିଲା। ଏହା ସହିତ ଶେଷ ଦିନ ଜନ କଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ୫ଜଣ ମହିଳା ଓ ପୁରୁଷଙ୍କୁ ଜଳ ମିତ୍ର ପୁରସ୍କାର ଦିଆଯିବ ବୋଲି ସ୍ଥିର ହୋଇଥିବା ବେଳେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଆଲୋଚନା ହୋଇଥିଲା। ଜନ କଲ୍ୟାଣ ସେବା ଟ୍ରଷ୍ଟ ସ୍ନେହଲତା ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୫ରେ କୋସଲ ସଙ୍ଗୀତର ଶୁଭାରମ୍ଭ

**ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ)**

ପଦ୍ମଶ୍ରୀ ହଳଧର ନାଗଙ୍କ ଲେଖା ଏବଂ ଗୋରେଖନାଥ ସାହୁ, ମୀନାକୁମାରୀ ମହାରଣାଙ୍କ ତତ୍ତ୍ୱାବଧାନରେ ଓ ପଙ୍କଜ ଜାଲଙ୍କ ନିର୍ଦ୍ଦେଶନାରେ କୋସଲ ସଙ୍ଗୀତ କୋସଲ ମାଟିର୍ ଜଏ ଜଏ ପ୍ରସ୍ତୁତ ହୋଇଛି। ଏହାର ଭିଡ଼ିଓଗ୍ରାଫି ଆସନ୍ତା ମେ ୧୫ ତାରିଖରେ ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରେ ଶୁଭାରମ୍ଭ ହେବ ବୋଲି ବୁଧବାର ବରଗଡ଼ ଗାନ୍ଧୀ ଭବନ ପରିସରରେ ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ ଏଣ୍ଟରଟେଣ୍ଟମେଣ୍ଟ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଭାଗବତ ପ୍ରଧାନ, ଗୋରେଖନାଥ ସାହୁ, ମୀନାକୁମାରୀ ମହାରଣା, ଆକାଶ ପଣ୍ଡା, ଅଧ୍ୟାପିକା ରଶ୍ମିରେଖା ବାରିକ, ସୀତାରାମ ଭୋଇ, ମୁଖ୍ୟ ଉପଦେଷ୍ଟା ଗଜରାଜ ମହାକୁର, ନିର୍ଦ୍ଦେଶକ ହୀରା ମହାକୁର ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ ହେବାକୁ ଯାଉଥିବା କୋସଲ ସଙ୍ଗୀତ ଉପରେ ବିସ୍ତୃତ ବିବରଣୀ ଦେଇଥିଲେ। ଉକ୍ତ ସଙ୍ଗୀତରେ କୋସଲାଞ୍ଚଳର ସଂସ୍କୃତି, ପରମ୍ପରା ଆଦି ରହିଛି ଏବଂ ଏହାକୁ କୋସଲ ରାଜ୍ୟ ସଙ୍ଗୀତ କରାଗଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ ବୋଲି ସେମାନେ କହିଥିଲେ। ସଙ୍ଗୀତର ଭିଡ଼ିଓଗ୍ରାଫିରେ କୋସଲାଞ୍ଚଳର ସମସ୍ତ ୧୧ ଜିଲାର ସଂସ୍କୃତି, ପରମ୍ପରା, ଦେବାଦେବୀ, ଐତିହାସିକ ଓ ଆଧ୍ୟାତ୍ମିକ ସ୍ଥଳୀ, ଖେଳକୁଦ, ନଈନାଳ ଆଦି ରହିଥିବାବେଳେ ସୀତାରାମ ଭୋଇ ଏବଂ ରଶ୍ମିରେଖା ବାରିକ ମୁଖ୍ୟ ଚରିତ୍ରଭାବେ ଅଭିନୟ କରିଛନ୍ତି ବୋଲି ସୂଚନା ଦିଆଯାଇଛି।




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଭୋଟର ସଚେତନତା ରାଲି, ନବାଗତଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର,୨୪।୪(ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ସରକାରୀ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚୂଡ଼ାମଣି ବାରିକଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଲଜୀ ପ୍ରସାଦ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜବୋରାସମ୍ବର ଲୋକନାଥ ଭୋଇଙ୍କ ଉପସ୍ଥିତିରେ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ଏକ ଭୋଟର ସଚେତନତା ରାଲି ଆୟୋଜିତ ହୋଇଯାଇଛି। ରାଲିକୁ ସଫଳ କରିବା ପାଇଁ ବରିଷ୍ଠ ନାଗରିକ ନିରୋଜ ଦୋରା, ଜ୍ୟୋସ୍ନାରାଣୀ ସାହୁ, ଜୀବନାନନ୍ଦ ସାହୁ, ମାନସ ଶତପଥୀ, ପୂଜାରାଣୀ ନାୟକ, ରବିନା ପଧାନ, ସଂଯୁକ୍ତା ଭୋଇ, ବୃନ୍ଦାବତୀ ସାହୁ, ଖୁଶବୁ ବରିହା, ଜ୍ୟୋତିରେଖା ମହାନନ୍ଦ, ଚକ୍ରଧର ନାୟକ, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ନୀଳିମା ରାଣୀ ମହାନ୍ତି, ସୁଷମା ଦାସ, ଦୁଷ୍ମନ୍ତ ଛତର, ନନ୍ଦିନୀ ବାଗ ଓ କମଳା କୁମ୍ଭାର ସହାୟତା କରିଥିଲେ। ରାଲି ପରେ ନୂତନ ଭାବେ ଦାଖଲ ନେଇଥିବା ନବାଗତା ଛାତ୍ରୀ ତଥା ପିତା ମାତାଙ୍କୁ ସ୍ୱାଗତ କରିବା ପାଇଁ ଗୋପାଲଜୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ ପରିଚାଳନା କରିଥିଲେ।

## ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍: ବାପା ମୃତ, ପୁଅ ଗୁରୁତର

**ପଦ୍ମପୁର,୨୪।୪(ପ୍ରଦୀପ୍ତ ଦାଶ)**

ପଦ୍ମପୁର ବରଗଡ଼ ରାସ୍ତା ଜୟ ଜଗନ୍ନାଥ ପେଟ୍ରୋଲ ପମ୍ପ ସମ୍ମୁଖରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ (ନଂ.ଓଡ଼ି୧୭-ଏଫ୬୩୯୩)କୁ ଏକ ପିକ୍‌ଅପ୍ (ନଂ.ଓଡ଼ି୧୭ଓ-୧୧୨୪) ଧକ୍କା ଦେଇଛି। ଏଥିରେ ବାଇକ ଚାଳକ ଜମଲାର ଶ୍ରୀରାମ ମେହେରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅ ଆକାଶ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଅବସ୍ଥାରେ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପଦ୍ମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିଜେଡିରେ ମିଶିଲେ ଯୁବ, ମହିଳା କର୍ମୀ

**ବରଗଡ଼,୨୪।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ନୁନିଆଁ ଜାମପାଲି ଏବଂ ତୋରା ପଞ୍ଚାୟତର ଶତାଧିକ ଯୁବକ, ମହିଳା ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଗୀତା ମିର୍ଦ୍ଧା, ଶାଖା ଭୋଇ, ନିରଶୀ ସେଟ୍, ପଙ୍କଜିନୀ ଭୁଏ, ଦେବରାଜ ଛତର, ବାସୁ କର, ସହଦେବ କର, ସାଧୁ ଜାଲ, କମଳା ବାଗ ପ୍ରମୁଖ ରହିଛନ୍ତି । ସେହିପରି ୱାର୍ଡ଼ ନଂ-୧୨ର ଯୁବନେତା ସରୋଜ ନାଏକ ମଧ୍ୟ ବିଜେଡ଼ିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବରଗଡ଼ ବିଧାୟକ ଆଚାର୍ଯ୍ୟଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ବିଜେଡିରେ ଯୋଗଦେଇଥିବା କହିଛନ୍ତି। ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା ସମ୍ବିତ ଆଚାର୍ଯ୍ୟ, ଶୟନ ପଣ୍ଡା, ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ମିଶ୍ରଣ ପର୍ବରେ ବରଗଡ଼ ବିଧାୟକ ଏବଂ ଅନ୍ୟମାନେ ।

# ଶବରୀ ଓ ହନୁମାନଙ୍କ ସହ ରାମ, ଲକ୍ଷ୍ମଣଙ୍କ ଭେଟ ମଞ୍ଚସ୍ଥ

**ଭେଡେନ,୨୪।୪ (ସୁଦନ ମହାକୁର)**

### ଗଣ୍ଡତୁରୁମ ରାମଲୀଳା ଯାତ୍ରାର ଷଷ୍ଠ ଦିବସ

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ରାମଲୀଳା ଯାତ୍ରାର ବୁଧବାର ଷଷ୍ଠ ଦିବସରେ ପୌରାଣିକ କଥାବସ୍ତୁ ଆଧାରରେ ରାମ, ଲକ୍ଷ୍ମଣଙ୍କ ଶବରୀ ଏବଂ ହନୁମାନଙ୍କ ସହିତ ଭେଟ, ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ ନାଟକ ମଞ୍ଚସ୍ଥ ହୋଇଛି। ସୀତାଙ୍କୁ ରାବଣ କପଟରେ ଚୋରି କରିଛି। ରାମ, ଲକ୍ଷ୍ମଣ ମାୟା ମୃଗ ରପି ମାରିଚକୁ ବଧ କରିବା ପରେ କୁଟୀରକୁ ଫେରିଛନ୍ତି। ମାତ୍ର କୁଟୀରରେ ସୀତାଙ୍କୁ ନ ପାଇ ବହୁ ଖୋଜାଖୋଜି କରିଛନ୍ତି। ତେବେ ବାଟରେ ମୂମୁର୍ଷୁ ଅବସ୍ଥାରେ ପଡ଼ି ରହିଥିବା ଜଟାୟୁ ଠାରୁ ସମସ୍ତ ବିଷୟ ଜାଣିଛନ୍ତି। ଏହି ବାରତା ଦେବା ପରେ ଜଟାୟୁର ମୃତ୍ୟୁ ହୋଇଛି। ପକ୍ଷୀଟିର ଶେଷକୃତ୍ୟ ସମ୍ପନ୍ନ କରି ସୀତାଙ୍କ ଅନ୍ୱେଷଣରେ ବାହାରିଥିବା ରାମ, ଲକ୍ଷ୍ମଣ କବନ୍ଧ ରାକ୍ଷସର ହାବୁଡ଼ରେ ପଡ଼ିଛନ୍ତି। ତାଙ୍କୁ ଲକ୍ଷ୍ମଣ ବଧ କରିବା ପରେ ମାତଙ୍ଗ ମହାମୁନୀଙ୍କ ଆଶ୍ରମକୁ ପ୍ରବେଶ କରିଛନ୍ତି। ସେଠାରେ ରାମ, ଲକ୍ଷ୍ମଣଙ୍କ ଆସିବା ପଥକୁ ଅନୁସରି ରହିଥିବା ଶବରୀଙ୍କ ସହ ଭେଟ ହୋଇ ବିଶ୍ରାମ ନେଇଛନ୍ତି। ସେଠାବରୁ କିଷ୍କିନ୍ଧା ରାଜ୍ୟର ସୀମାରେ ପ୍ରବେଶ କରିଛନ୍ତି। କିଷ୍କିନ୍ଧାର ପ୍ରତାପୀ ରାଜା ବାଳିର ଭୟରେ ତାଙ୍କ ଅନୁଜ ସୁଗ୍ରୀବର ଋଷ୍ୟମୁକ ପର୍ବତ ଗୁହାରେ ପଞ୍ଚଶାଖାଙ୍କ ସହ ଆତ୍ମଗୋପନ ରହିଛନ୍ତି। ଏହି ଦୁଇଜଣଙ୍କୁ ଦେଖି ସୁଗ୍ରୀବଙ୍କ ମନରେ ଶଙ୍କା ଜାତ ହୋଇଛି। ଏହି ଦୁଇଜଣ ବାଳିର ଗୁପ୍ତଚର ନା ଆଉ କିଏ ତାହା ଜାଣିବା ପାଇଁ ହନୁମାନଙ୍କୁ ଛଦ୍ମବେଶରେ ପ୍ରେରଣ କରିଛନ୍ତି। ହନୁମାନ ସମସ୍ତ ବିଷୟ ରାମଙ୍କଠାରୁ ଜାଣିବାକୁ ପାଇ ସୁଗ୍ରୀବରଙ୍କ ନିକଟକୁ ପାଛୋଟି ନେଇଛନ୍ତି। ଉଭୟଙ୍କ ଭେଟ ପରେ ଦୁହେଁ ସମାନ ଦଶା ଭୋଗୁଥିବା ଜାଣିବାକୁ ପାଇଛନ୍ତି। ସୁଗ୍ରୀବର ଏବଂ ରାମଙ୍କ ମିତ୍ରତା ପ୍ରତିଶ୍ରୁତି ବଦ୍ଧ ହେବା ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ପୌରାଣିକ କଥାବସ୍ତୁକୁ ଦେଖିବା ପାଇଁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳଙ୍କ ଭିଡ଼ ଜମୁଥିବା ବେଳେ ଶ୍ରୀ ରାମେଶ୍ୱରୀ କଳା ପରିଷଦର କଳାକାରମାନେ ନିଖୁଣଭାବରେ ପୌରାଣିକ କଥାବସ୍ତୁ ଅନୁଯାୟୀ ଚରିତ୍ରଗୁଡ଼ିକ ପ୍ରଦର୍ଶନ କରିଥିଲେ।



ରାମଲୀଳାର ଅଭିନିତ ଏକ ଦୃଶ୍ୟ।

## ସଂକ୍ଷେପରେ

### ସୀମାନ୍ତରୁ ମାଓବାଦୀ କ୍ୟାମ୍ପ ଠାବ

**ରାଉରକେଲା, ୨୪।୪(ସଙ୍ଗୀତା ଜେନା):** ଓଡିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଉପଦ୍ରବ ବୃଦ୍ଧିପାଇବାରେ ଲାଗିଛି। ବୁଧବାର ସୁରକ୍ଷାବଳ କୁମ୍ବିଂ ଅପେରସନ୍ ସମୟରେ ସୀମାନ୍ତ ଟୋଂଟୋ ଥାନା ବନଗ୍ରାମ ଜମ୍‌କୀ ଇକ୍ରୀ ନିକଟରେ ଥିବା ଜଙ୍ଗଲିଆ କ୍ଷେତ୍ରରୁ ପୁରୁଣା ମାଓବାଦୀ କ୍ୟାମ୍ପ ଓ ୩ଟି ଜୀବନ୍ତ ଆଇଇଡି ଜବତ ହୋଇଛି। ଏହାକୁ ଠାବ କରି ବମ୍ ନିରୋଧକ ଟିମ୍ ଦ୍ୱାରା ନଷ୍ଟ କରିଦିଆଯାଇଛି। ଉକ୍ତ କ୍ୟାମ୍ପରୁ ବିସ୍ଫୋରକ ସମେତ ଦୈନନ୍ଦିନ ସାମଗ୍ରୀ ଜବତ ହୋଇଛି। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ରାମସ୍ୱାମୀ ମନ୍ଦିର କମିଟି ଦ୍ୱାରା ଶ୍ରୀ ହନୁମାନ ଜନ୍ମୋତ୍ସବ ପାଳିତ

**ଜୁନାଗଡ଼,୨୪।୪ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ସ୍ଥିତ ରାମସ୍ୱାମୀ ମନ୍ଦିରଠାରେ ମଙ୍ଗଳବାର ଶ୍ରୀହନୁମାନ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ରାମସ୍ୱାମୀ ମନ୍ଦିର କମିଟି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସକାଳ ୮ଟାରେ ପୂଜାରମ୍ଭ ହୋଇଥିଲା ଏବଂ ସକାଳ ୧୦ଟାରେ ୧୦୮ ହନୁମାନ ଚାଳିଶା ଏବଂ ସୁନ୍ଦରକାଣ୍ଡ ପଠନ କରାଯାଇଥିଲା। ସନ୍ଧ୍ୟା ୬ଟାରେ ବାନରସେନା, ଧୂମାଲ ଡିଜେ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆୟୋଜକ କମିଟିର ସଦସ୍ୟା ସଦସ୍ୟ ଏବଂ ଶତାଧିକ ଭକ୍ତ ରାମସ୍ୱାମୀ ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରିଥିଲେ। ରାତ୍ର ୮ଟାରେ ପ୍ରସାଦ ସେବନ କରାଯାଇଥିଲା। ଏହି ହନୁମାନ ଜନ୍ମୋତ୍ସବ ପାଳନ କାର୍ଯ୍ୟକ୍ରମରେ ଗୋପାଳ ମିତ୍ତଲ, ସୁରଜ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, ଅମନ ଗୋଏଲ ପ୍ରମୁଖ ସହାୟତା କରିଥିଲେ।

### ଚଇତି ଚଢ଼େଇର ରଜତ ଜୟନ୍ତୀ ସମାରୋହ

**ଭବାନୀପାଟଣା,୨୪।୪ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଜୟପାଟଣାରୁ ପ୍ରକାଶିତ ଚଇତି ଚଢ଼େଇ ଶିଶୁ ପତ୍ରିକାର ରଜତ ଜୟନ୍ତୀ ସମାରୋହ ବୁଧବାର ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଶାନ୍ତନୁ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଗବେଷକ ଉମାଶଙ୍କର କର, ମୁଖ୍ୟବକ୍ତା ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ସମ୍ମାନିତ ଅତିଥି ନାଟ୍ୟକାର ଉମେଶ ଚନ୍ଦ୍ର ଶତପଥୀ, ଅଧ୍ୟାପକ ତପନ କୁମାର ରଥ ଯୋଗଦେଇଥିଲେ। ଚଇତି ଚଢ଼େଇର ସମ୍ପାଦକ ଶ୍ରୀନିବାସ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସାହିତ୍ୟିକ ବିରଞ୍ଚି ନାରାୟଣ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ଚଇତି ଚଢ଼େଇର ରଜତ ଜୟନ୍ତୀ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଗାଳ୍ପିକା ଦେବହୁତୀ କରଙ୍କୁ ଚଇତି ଚଢ଼େଇ ଶିଶୁ ସାହିତ୍ୟ ସମ୍ମାନ, ଡାକ୍ତର ପଲଉ ପ୍ରଧାନଙ୍କୁ ଶିଶୁ ସେବା ସମ୍ମାନ, ଚିତ୍ରକର ତରୁଣ ମହାପାତ୍ରଙ୍କୁ କଳା ସମ୍ମାନ ପ୍ରଦାନ କରାଯାଇଥିଲା। ହେମନ୍ତ ସାହୁ, ସୁଶାନ୍ତ ସିଂହ, ସ୍ୱର୍ଣ୍ଣକାନ୍ତି ବୈକାର ମାନପତ୍ର ପଠନ କରିଥିଲେ। ମହାବୀର ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜମି ଅଧିଗ୍ରହଣରେ ସମସ୍ୟା, କାମ ବିଳମ୍ବିତ

**ସୋନପୁର,୨୪।୪(ମୃତ୍ୟୁଞ୍ଜୟ ଶତପଥୀ)**

ଜମି ଅଧିଗ୍ରହଣରେ ସମସ୍ୟା ପାଇଁ ବରଗଡ-ବଲାଙ୍ଗୀର ୨୬ ନମ୍ବର ଜାତୀୟ ରାଜପଥର ନିର୍ମାଣ କାମ ବିଳମ୍ବିତ ହେଉଛି। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସହରର ଶିବ ମନ୍ଦିର ନିକଟରୁ ଏଫ୍‌ସିଆଇ ଗୋଦାମ ପର୍ଯ୍ୟନ୍ତ ୧୪୦୦ମିଟର ରାସ୍ତାକାମ ଆରମ୍ଭ ହୋଇପାରୁନି। ଏହା ଅଞ୍ଚଳବାସୀଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ବେସରକାରୀ ଜମି ଅଧିଗ୍ରହଣରେ ସମସ୍ୟା, ସରକାରୀ ଜମିରୁ ଜବରଦଖଲକାରୀଙ୍କୁ ହଟାଇବାରେ ପ୍ରଶାସନର ବିଫଳତା ଓ ରାସ୍ତାପାର୍ଶ୍ୱ ବଡ ଗଛଗୁଡିକୁ କାଟିବାରେ ମନ୍ଥରତା ଯୋଗୁ ନିର୍ମାଣ କାମ ଆଗେଇପାରୁନି। ଯୋଗାଯୋଗ ପାଇଁ ୨୬ ନମ୍ବର ଜାତୀୟ ରାଜପଥ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା ୫ ନମ୍ବର ଜାତୀୟ ରଜପଥ ଓ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲାକୁ ସଂଯୋଗ କରୁଛି। ତେଣୁ ବରଗଡରୁ ବଲାଙ୍ଗୀର ୭୨ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରାସ୍ତା କାମ ପାଇଁ ଅଢେଇ ବର୍ଷ ପୂର୍ବରୁ କେନ୍ଦ୍ର ସରକାରଙ୍କ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ପ୍ରାୟ ୨୦୮କୋଟିର ଟେଣ୍ଡର ଆହ୍ୱାନ ହୋଇଥିଲା। ବରଗଡରୁ ବରପାଲି ୨୧କିଲୋମିଟର ରାସ୍ତା ୪ ଥାକିଆ ଓ ବରପାଲିରୁ ବଲାଙ୍ଗୀର ପର୍ଯ୍ୟନ୍ତ ୫୧ କିଲୋମିଟର ରାସ୍ତା ଚଉଡା ପାଇଁ କାମ ଏ ପର୍ଯ୍ୟନ୍ତ ଚାଲିଛି। ତେବେ ବଲାଙ୍ଗୀର ଏନ୍‌ଏଚ୍ ଡିଭିଜନ ଅନ୍ତର୍ଗତ ଏହି ରାସ୍ତାର ଡୁଙ୍ଗୁରିପାଲି, ଚେରୁପାଲି ଓ ଲୋଇସିଂହାରେ କାମ ଆଗେଇପାରୁନି। ରାସ୍ତାଗୁଡିକ ଖାଲଖମାରେ ଭର୍ତ୍ତି ହୋଇଗଲାଣି। ବର୍ଷା ହେଲେ କାଦୁଅରେ ଯାତାୟାତ ପାଇଁ ଲୋକେ ହୀନସ୍ତା ହେଉଛନ୍ତି। ବାରମ୍ବାର ଦୁର୍ଘଟଣା ଘଟୁଛି। ଡୁଙ୍ଗୁରିପାଲିରେ ଜାତୀୟ ରାଜପଥ ଦୁଇ ପାର୍ଶ୍ୱରେ ଥିବା ୪୦ରୁ ୫୦ବର୍ଷର ପୁରୁଣା ଗଛଗୁଡିକୁ କାଟିବାରେ ବଲାଙ୍ଗୀର ବନ ଉନ୍ନୟନ ନିଗମ ବିଳମ୍ବ କଲା। ଅନେକ ଚେଷ୍ଟା ପରେ ଗତ ମଙ୍ଗଳବାର ଗଛ କଟା ସରିଛି। ତେବେ ରାସ୍ତା ପାର୍ଶ୍ୱ ସରକାରୀ ଜମିରେ ବେଆଇନ ଭାବେ ଜବରଦଖଲ ହୋଇ ନିର୍ମାଣ ହୋଇଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ରାଜସ୍ୱ ବିଭାଗ ହଟାଇବାରେ ସକ୍ଷମ ହୋଇନି। ସେହିପରି ରାସ୍ତାପାର୍ଶ୍ୱରେ ଜମି ଯାଉଥିବା ୧୯୦ ଚାଷୀଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ରାଶି ମିଳିନି। ଠିକାଦାରଙ୍କୁ ଉକ୍ତ ଜମି ହସ୍ତାନ୍ତର ହୋଇ ନ ଥିବାରୁ କାମ ଆରମ୍ଭ ହୋଇପାରୁନି। ଚୁକ୍ତିନାମା ଅନୁଯାୟୀ ଏହି ରାସ୍ତାକାମର ନିର୍ମାଣ ଅବଧି ୨୦୨୩ ଡିସେମ୍ବର ୧୪ତାରିଖରେ ସରିଛି। ହେଲେ ପ୍ରଶାସନିକ ଅସହଯୋଗ କାରଣରୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାମ ସରିପାରୁନି। ବଲାଙ୍ଗୀର ଜାତୀୟ ରାଜପଥ ଡିଭିଜନର ଅଧିକାରୀ ଓ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବା ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି।


୨୬ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରୁ ଜବରଦଖଲ ହଟାଯାଇନି।

**ଡୁଙ୍ଗୁରିପାଲିରେ ୧୪୦୦ ମିଟର ରାସ୍ତା ପାଇଁ ମୁଣ୍ଡବ୍ୟଥା**

### ପୋଲିସର ଜଳଛତ୍ର ଉଦ୍‌ଘାଟନ

**ରାଜଗାଙ୍ଗପୁର,୨୪।୪(ଅଶୋକ ପାଣି):** ରାଜଗାଙ୍ଗପୁର ପୋଲିସ ପ୍ରଶାସନ ଦ୍ୱାରା ବୁଧବାର ଥାନା ନିକଟରେ ଏକ ଜଳଛତ୍ର ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିଥିଲେ। ପଥଚାରୀଙ୍କୁ ସରବତ ବଣ୍ଟନ କରାଯାଇଥିଲା। ଏହି ବଣ୍ଟନ କାର୍ଯ୍ୟକ୍ରମରେ ଏସଆଇ ଦମୟନ୍ତି ମହନ୍ତ, ବିଜୟ ରାଉତ, ହେମନ୍ତ ଧାରୁଆ, ପ୍ରସାନ୍ତ କୁମାର ସେନାପତି, ଝରଣା ସ୍ୱାଇଁ, ରାଜେଶ ସେଠି, ଜିତେନ୍ଦ୍ର ପଟେଲଙ୍କ ସହ ଥାନାର ବହୁ ଅଫିସର ଓ କର୍ମୀବୃନ୍ଦ ସରବତ ବଣ୍ଟନ କରିଥିଲେ।

### ଖଡ଼ିଆଳ ସହରରେ ହନୁମାନ ଜୟନ୍ତୀ ପାଳନ

**ଖଡ଼ିଆଳ,୨୪।୪(ସୁଜିତ କୁମାର ପ୍ରଧାନ):** ଖଡ଼ିଆଳଠାରେ ଜୟ ମାତାଦୀ ଗ୍ରୁପ ପକ୍ଷରୁ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ବିଶାଳ ଶୋଭାଯାତ୍ରାରେ ଖଡ଼ିଆଳ ସହର ପରିକ୍ରମା କରାଯାଇଥିଲା। ସଭାପତି ପପୁ ଯାଦବ, ଓମ ପ୍ରକାଶ ଚୌଧୁରୀ, ଉପସଭାପତି ବଲ୍ଲୁ ତ୍ରିବେଦୀ, ମହେନ୍ଦ୍ର ଯାଦବ, କୋଷାଧ୍ୟକ୍ଷ ରଞ୍ଜିତ ବେହେରା, ଶ୍ରବଣ ସଲମାନୀ, ନିତେଶ ତ୍ରିବେଦୀ, କର୍ମକର୍ତ୍ତା ବିକାଶ ବର୍ମା, ଦୀପକ ବର୍ମା, ଅନ୍ୱେଷ ତ୍ରିବେଦୀ, ଧ୍ରୁବ ବର୍ମା, ଆୟୁଷ ଶର୍ମା, ସମେତ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ବିଧାୟକ ହିତେଶ ବର୍ଗଡ଼ି, ନଗରପାଳ ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ସମେତ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ।

# ସାରହୁଲ ପର୍ବରେ କମ୍ପିଲା ବୀରମିତ୍ରପୁର ମେଳା ମଇଦାନ


ବୀରମିତ୍ରପୁର ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତିରେ ସାରହୁଲ ପର୍ବ ପାଳନ ଅବସରରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

**କୁଆଁରମୁଣ୍ଡା,୨୪।୪(ମହେନ୍ଦ୍ର କୁମାର ସାହୁ)**

ପ୍ରକୃତିର ପର୍ବ ହେଉଛି ସାରହୁଲ। ଏହି ପର୍ବ ଚୈତ୍ରମାସ ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ। ଏହି ମାସରେ ପୃଥିବୀ ପୃଷ୍ଠରେ ଥିବା ବୃକ୍ଷଲତା ନବ ପଲ୍ଲ ଅବସ୍ଥା ଧାରଣା କରିଥିବାରୁ ସାରହୁଲ ପର୍ବ ହେଉଛି ଆଦିବାସୀ ଓରାମ ସମ୍ପ୍ରଦାୟଙ୍କ ନୂଆ ବର୍ଷ ବୋଲି ପରିଗଣିତ ହୋଇଥାଏ। ଚଳିତ ବର୍ଷ ଏହି ପର୍ବ ବୀରମିତ୍ରପୁର ମେଳା ମଇଦାନ ଧୁମଧାମରେ ପାଳିତ ହୋଇଛି। ଆଦିବାସୀ ମହିଳା ପୁରୁଷ ପାରମ୍ପରିକ ବେଶଭୂଷା ଧାରଣ କରି ପାରମ୍ପରିକ ନୃତ୍ୟ ସହ ବାଜା ବଜାଇ ଧରିତ୍ରୀ ମାତାର ପୂଜା କରିଛନ୍ତି। ଏହି ଅବସରରେ ମେଳା ମଇଦାନରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ତଳ ବସ ଷ୍ଟାଣ୍ଡରେ ଥିବା ବୀରବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ବିର୍ସା ମୁଣ୍ଡା ଅମର ରହେ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ରାଜି ପଡ଼ାହା ଭାରତର ସିଙ୍ଗିଦାଇ ମହିଳା ସଙ୍ଗଠନର ଅଧ୍ୟକ୍ଷା ପୁନମ କଚ୍ଛପ,ଉପ ଦେୱାନ ଚାମାନନ୍ଦ ଓରାମ, ମାଙ୍ଗେ ଏକ୍କା, କୁବା କିଣ୍ଡୋ, ନୂଆଗାଁ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ମାକ୍ଲୁ ଏକ୍କା, ବିଶ୍ରୁ ଖାଲଖୋ,ବିରମିତ୍ର ପୌରପାଳିକା ଅଧ୍ୟକ୍ଷ ସନ୍ଦୀପ ମିଶ୍ର,ବସନ୍ତ ଓରାମ, ରଥୁ ଓରାମ ପ୍ରମୁଖ ଉପସ୍ଥିତ ରହି ସାରହୁଲ ପର୍ବ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା,ବିଶ୍ରା,ନୂଆଗାଁ ଆଦି ଅଞ୍ଚଳରୁ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ସଂପ୍ରଦାୟର ବ୍ୟକ୍ତି ଯୋଗ ଦେଇଥିଲେ।

# ଟିକେଟ ପାଇ ଫେରିଲା ପରେ ଭବ୍ୟ ସ୍ୱାଗତ

**ରାଉରକେଲା,୨୪।୪(ସଙ୍ଗୀତା ଜେନା)**




ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଘୋଷଣା ହୋଇସାରିଛି। ଏହିପ୍ରକ୍ରିୟାରେ ମଙ୍ଗଳବାର ଭୁବନେଶ୍ୱର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରାର୍ଥୀଙ୍କୁ ବିଧିବଦ୍ଧ ଭାବେ ଟିକେଟ ପ୍ରଦାନ କରାଯାଇଛି। ଏହି କ୍ରମରେ ରାଉରକେଲା ଓ ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀମାନେ ସେମାନଙ୍କ ଟିକେଟ ପ୍ରସାଦ ହରିଚନ୍ଦନଙ୍କଠାରୁ ଗ୍ରହଣ କରିଥିଲେ। ବୁଧବାର ଉକ୍ତ ପ୍ରାର୍ଥୀମାନେ ସେମାନଙ୍କ ନିର୍ବାଚନମଣ୍ଡଳୀରେ ପହଞ୍ଚିବା ପରେ ସମର୍ଥକ ମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ରଘୁନାଥପାଲୀ ନିର୍ବାଚନମଣ୍ଡଳୀରେ ଲଢୁଥିବା କଂଗ୍ରେସ ପ୍ରାର୍ଥୀ ତଥା ଶ୍ରମିକ ନେତା ଗୋପାଳ ଦାସଙ୍କ ଦଳୀୟ ଟିକେଟ ମିଳିଥିଲା। ଦାସ ତାଙ୍କ ନିର୍ବାଚନ ମଣ୍ଡଳୀ ପହଞ୍ଚିବା ପରେ ଗଜେନ୍ଦ୍ର ତନ୍ତୀ, ରାଜୁ ଜୟପୁରିଆ, ଯୋଗେନ୍ଦ୍ର ଲୋହାର, ଗଡ଼୍‌ୱିନ ଟପ୍ପୋ, ବିଶ୍ୱନାଥ ଓରାମ, ଜନ ତିର୍କୀ, ହରିନାରାୟଣ ପଶାୟତ, ମହାବୀର ଦାସ, ବିଜୟ ଲୋହାର, ଶ୍ୟାମ ସୁନ୍ଦର ଭୂମିଜ ସମେତ ଶତାଧିକ ସମର୍ଥକ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ରାଉରକେଲା ନିର୍ବାଚନ ମଣ୍ଡଳ ପକ୍ଷରୁ ପ୍ରାର୍ଥୀ ବିରେନ୍ଦ୍ରନାଥ ପଟ୍ଟନାୟକଙ୍କ ଦଳୀୟ ଟିକେଟ ଭୁବନେଶ୍ୱରରେ ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ ଠାରୁ ଗ୍ରହଣ କରିଥିଲେ। ସୁଶାନ୍ତ ବେହେରା, ଫୁଲ କଂସାରୀ, ଶିବପ୍ରସାଦ ପାଲ, ସୌମ୍ୟ ରଞ୍ଜନ ସାହୁ, ପାର୍ଥ ରାଉତ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଏ ନେଇ ପ୍ରାର୍ଥୀ ପଟ୍ଟନାୟକ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ରାଜ୍ୟ ପ୍ରଭାରୀ ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ ସହିତ ରାଉରକେଲାର ସମସ୍ତ କଂଗ୍ରେସ କର୍ମୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧପାଲିରେ କୁସୁମଙ୍କ ନିର୍ବାଚନ ପ୍ରଚାର


ବିଧାୟକ କୁସୁମ ନିର୍ବାଚନ ପ୍ରଚାର କରୁଛନ୍ତି।

**ସୁନ୍ଦରଗଡ଼,୨୩।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ବିଧାୟିକା ତଥା ଭାଜପା ପ୍ରାର୍ଥୀ କୁସୁମ ଟେଟେ ଟାଙ୍ଗରପାଲି ବ୍ଲକ ମହୁଲପାଲି ପଞ୍ଚାୟତ ବନ୍ଧପାଲିଠାରେ ମଙ୍ଗଳବାର ନିର୍ବାଚନ ପ୍ରଚାରରେ ଯୋଗଦେଇ ନିଜର ୫ବର୍ଷ ଭିତରେ କରିଥିବା ଉଲ୍ଲେଖନୀୟ ବିକାଶ ଚିତ୍ର ଭୋଟରଙ୍କୁ ବୁଝାଇଥିଲେ। ପରେ ରତନପୁର ଠାରେ ଓରାମ ସମାଜର ଏକ କାର୍ଯ୍ୟକ୍ରମ ଓ ଉଜ୍ଜଳପୁର ହନୁମାନ ଜୟନ୍ତୀ ସଭାରେ ଯୋଗଦେଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବଦାନ ଏବଂ ବିଭିନ୍ନ ଜନହିତକାରୀ କାର୍ଯ୍ୟ ବିଷୟରେ ଆଲୋକପାତ କରିବା ସହ ଡବଲ ଇଞ୍ଜିନ ସରକାର ଗଠନ ହେଲେ ପ୍ରତି ମହିଳାଙ୍କୁ ମାସକୁ ହଜାର ଟଙ୍କା ଭତ୍ତା, କୃଷକ ପାଇଁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା, ସୋଲାର ମାଧ୍ୟମରେ ୩୦୦ ୟୁନିଟ ବିଜୁଳି ମାଗଣାର ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଟାଙ୍ଗରପାଲି ବ୍ଲକ ମଣ୍ଡଳ ସଭାପତି ଦୁବରାଜ ନାୟକ, ସସୀମ ପଟେଲ, ପରୀକ୍ଷିତ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ରାଜନୈତିକ ଅପାରଗତା, ପ୍ରଶାସନିକ ଅବହେଳାର ଜବାବ ଦେବେ ଜନତା


ସମ୍ମିଳନୀରେ ଉପସ୍ଥିତ କର୍ମୀମାନେ।

**ସୁନ୍ଦରଗଡ,୨୪।୪(ଜୟ ନାରାୟଣ ମେଣ୍ଡୁଲି)**

**ଭାରତୀୟ କମ୍ୟୁନିଷ୍ଟ ପାର୍ଟି କର୍ମୀ ସମ୍ମିଳନୀ**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ସୁନ୍ଦରଗଡ ଜିଲା ଶାଖାର ଏକ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପତ୍ରାପଡା ସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲା ସହ ସମ୍ପାଦକ ସୁନୀଲ କୁମାର ନାଏକ ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି ସମ୍ମିଳନୀର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଏହି ସମ୍ମିଳନୀରେ ସାଧାରଣ ନିର୍ବାଚନ ପାଇଁ ପାର୍ଟିର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ସାଙ୍ଗକୁ ପ୍ରଚାର ପ୍ରଶାର ପାଇଁ ବୃତାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆସନ୍ତା୨୭ରେ କମ୍ୟୁନିଷ୍ଟ ପାର୍ଟି ତରଫରୁ ନାମାଙ୍କନପତ୍ର ଦାଖଲ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ବ୍ୟୟବହୁଳ ନିର୍ବାଚନ ଦୁର୍ନୀତିର ମୂଳ କାରଣ ହୋଇଥିବାରୁ କମ୍ୟୁନିଷ୍ଟ ପାର୍ଟି ଏଥିରୁ ନିବୃତ୍ତ ରହି ବ୍ୟୟବହୁଳ ନିର୍ବାଚନ ପ୍ରଚାରକୁ ଦୃଢ଼ ବିରୋଧ କରିବାର ନିଷ୍ପତ୍ତି ନିଆଯାଇଛି। ଏହି ସମ୍ମିଳନୀରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ କୁମାର ଦାଶ ଯୋଗଦେଇ କର୍ମୀଙ୍କ ବ୍ୟକ୍ତିଗତ ସମ୍ପର୍କ ଓ ବିଗତ ୩୦ ବର୍ଷଧରି ସୁନ୍ଦରଗଡ଼ର ରାଜନୈତିକ ଅପାରଗତା ଓ ପ୍ରଶାସନିକ ଅବହେଳା ଯୋଗୁ କିପରି ଭାବେ ସୁନ୍ଦରଗଡ଼ ଜିଲା ପଛୁଆ ଜିଲା ଭାବେ ପରିଗଣିତ ହୋଇଛି ଏ ବିଷୟରେ ସମସ୍ତଙ୍କୁ ସୂଚନା ଦେଇ ଜନସାଧାରଣଙ୍କ ପାଖକୁ ଏ ବାର୍ତ୍ତା ପହଞ୍ଚାଇବାକୁ କହିଥିଲେ। ଏହି କର୍ମୀ ସମ୍ମିଳନୀ ବୈଠକରେ ହେମଗିର ଜୋନ ସମ୍ପାଦକ ରାଧେଶ୍ୟାମ ଗର୍ଡିଆ, ଲେଫ୍ରିପଡା ଜୋନରୁ ଅଖିଳ ମାଂଝୀ, ଧନେଶର କାଲୋ, ଟାଙ୍ଗରପାଲି ଜୋନ ସମ୍ପାଦକ ସନ୍ତୋଷ କୁମାର ଆଚାର୍ଯ୍ୟ, ସଦର ବ୍ଲକ ଜୋନରୁ ପୁଷ୍ପଲତା ସା ପ୍ରମୁଖ ନିଜ ନିଜ ମତ ରଖିଥିଲେ। ଶୃଙ୍ଖଳିତ ଭାବେ ସମସ୍ତ ଜନ ସମସ୍ୟାର ସମାଧାନ ପାଇଁ ପାର୍ଟି କାର୍ଯ୍ୟ କରିଆସୁଅଛି ଓ ଏହାକୁ ଅଧିକ ଶାଣିତ କରିବାପାଇଁ ପାର୍ଟି ତରଫରୁ ଏକ ସଂଗ୍ରାମୀ ଜନ ନେତାକୁ ବିଧାନସଭାକୁ ପଠାଇବା ପାଇଁ ସାଧାରଣ ଭୋଟରଙ୍କ ନିକଟତର ହୋଇ ଏହି ବାର୍ତ୍ତାକୁ ତୃଣମୂଳ ସ୍ତରକୁ ପହଞ୍ଚାଇବା ପାଇଁ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟକରିବାକୁ ସ୍ଥିର କରାଯାଇଥିଲା। ଏହି ସମ୍ମିଳନୀରେ ନରେଶ ମେହେର , ରମେଶ ଜୟପୁରିଆ, ଗୋକୁଲ ଦଣ୍ଡସେନା, ନୀଳମଣି କାଲୋ, କେଦାର ସା, ବ୍ରହ୍ମା କିଷାନ, ରବୀନ୍ଦ୍ର ବେହେରା, ଗୋବିନ୍ଦ କିଷାନ, ବଂଶୀଧର କଉଡ଼ି,ପ୍ରଦୀପ ମହାନନ୍ଦିଆ, ଦଶରୁ କିଷାନ ପ୍ରମୁଖ ଯୋଗ ଦେଇଥିଲେ।

# ଭୋଟର ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୨୪।୪(ଜୟ ନାରାୟଣ ମେଣ୍ଡୁଲି)**

ନିର୍ବାଚନ ପାଇଁ ମତ ଦାନ ହାର ବୃଦ୍ଧି କରିବା ନେଇ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗରପାଲି ବ୍ଲକ ପରିସରରେ ବୁଥ ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଥ ସ୍ତରୀୟ ଅଧିକାରୀଙ୍କୁ ନିଜ ବୁଥ ଅଞ୍ଚଳର ଜନସାଧାରଣଙ୍କୁ ମତଦାନ କରିବା ନିମନ୍ତେ ଉତ୍ସାହିତ କରିବା ନେଇ ତାଲିମ ଦିଆଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ମହାନ୍ତ, ତହସିଲଦାର ରାଜୀବ ହାଁସଦା ଏବଂ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ସଦର ବ୍ଲକ ଅନ୍ତର୍ଗତ ଆଇଏମପିଏସ ଡିଗ୍ରୀ କଲେଜ, କିର୍ଜ୍ଞିମାଠାରେ ମଧ୍ୟ ଯୁବ ଭୋଟରଙ୍କ ମଧ୍ୟରେ ମତଦାନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମହାବିଦ୍ୟାଳୟର ଅଧ୍ୟକ୍ଷ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିଭଳି ରାଜଗାଙ୍ଗପୁର ସ୍ଥିତ ସୁଶୀଳା କଶ୍ୟପ ବିଦ୍ୟାମନ୍ଦିରଠାରେ ମଧ୍ୟ ଭୋଟର ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ବିଦ୍ୟାଳୟରେ ରଙ୍ଗୋଲି ଆଦି କରାଯାଇ ସେଥିରେ ଭୋଟ ତାରିଖ ଉଲ୍ଲେଖ କରି ଜନସାଧାରଣଙ୍କୁ ଭୋଟ ଦାନ ନିମନ୍ତେ ଆକୃଷ୍ଟ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ଜନସାଧାରଣ ଯୋଗଦେଇ ମତ ଦାନର ପ୍ରକ୍ରିୟା ତଥା ଇଭିଏମରେ କିଭଳି ମତଦାନ କରିବେ ସେନେଇ ପଚାରି ବୁଝିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ରେ ରାଜଗାଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ବାଗ ଉପସ୍ଥିତ ଥିଲେ।




# ଭରତ ମିଳନ, ସୂର୍ପଣଖା ନାସା ଛେଦନ

**ବଡ଼ଗାଁ,୨୪।୪ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଐତିହାସିକ ମୁକ୍ତ ମଞ୍ଚରେ ଅଭିନୀତ ରାମଲୀଳା ଯାତ୍ରାର ସପ୍ତମ ଦିନରେ ଭାରତଙ୍କ ସହିତ ଶ୍ରୀରାମଙ୍କ ମିଳନ (ସାକ୍ଷାତ) ଓ ସୁର୍ପଣଖାର ନାସା ଛେଦନ, ଖର,ଦୁଷଣ,ତ୍ରିଶିରା ବଧ ମଞ୍ଚସ୍ଥ ହୋଇଥିଲା। ରାମଚନ୍ଦ୍ର ପିତୃସତ୍ୟ ପାଳନ କରି ବନବାସ ଗଲାପରେ ଭାଇ ଭାରତ ଅଜାଙ୍କ ଘରେ ଅବସ୍ଥାନ କରୁଥିଲେ। ପିତା ରାଜା ଦଶରଥଙ୍କ ଶୋକରେ ଦେହାନ୍ତ ଘଟିବ ଓ ରାମ ବନବାସ ଯିବା ଶୁଣି ଅଯୋଧ୍ୟା ଫେରି ଆସିଥିଲେ। ପିତାଙ୍କ ଅନ୍ତିମ ସଂସ୍କାର କଲାପରେ ଅନୁଜ ଭ୍ରାତା ଶତ୍ରୁଘ୍ନଙ୍କ ସହିତ ରାମଙ୍କୁ ଖୋଜିବା ପାଇଁ ଅରଣ୍ୟ ଅଭିମୁଖେ ସୈନ୍ୟ ବଳ ନେଇ ଯାତ୍ରା କଲେ। ଅରଣ୍ୟରେ ଶ୍ରୀରାମଙ୍କୁ ସାକ୍ଷାତ କରି ଅଯୋଧ୍ୟା ଫେରି ରାଜ୍ୟ ଭାର ଗ୍ରହଣ କରିବାକୁ ଜଣାଇଲେ। ପିତୃସତ୍ୟ ପାଳନ ଯୋଗୁ ଫେରି ପାରିବନାହିଁ ଜଣାଇବାରୁ ଭରତ ଶ୍ରୀରାମଙ୍କ କଠଉ ନେଇଥିଲେ ଓ ନନ୍ଦିଗ୍ରାମରେ ରହି କଠଉକୁ ସିଂହାସନରେ ରଖି ରାଜ୍ୟ ସମ୍ଭାଳିବେ ପ୍ରତିଶ୍ରୁତି ଦେଇ ଅଯୋଧ୍ୟା ଫେରି ଆସିଥିଲେ। ଏହାପରେ ରାମ, ଲକ୍ଷ୍ମଣ ଓ ସୀତା ପିତୃ ତର୍ପଣ ପାଇଁ ଫଲଗୁ ନଦୀ କୂଳକୁ ଯାଇ ଗୟା ପଣ୍ଡାଙ୍କ ଦ୍ୱାରା ତର୍ପଣ କରାଇଥିଲେ। ପଣ୍ଡାମାନେ ଦକ୍ଷିଣା ମାଗିବାରୁ ରାମଚନ୍ଦ୍ର ଅସହାୟତା ଜଣାଇଥିଲେ ମଧ୍ୟ ସେମାନେ ମାନି ନ ଥିଲେ। ଏହାଦେଖି ସୀତା ଆଞ୍ଚଳ କାଟି ପଣ୍ଡାଙ୍କୁ ଦେଇଥିଲେ। ରାମଚନ୍ଦ୍ର କ୍ରୋଧିତ ହୋଇ ପଣ୍ଡାଙ୍କୁ ଅଭିଶାପ ଦେଇଥିଲେ। ବନକୁ ଫେରିବା ପରେ ରାବଣ ଭଉଣୀ ସୂପଣଖା ରାମଙ୍କ ଦିବ୍ୟରୂପ ଦେଖି ଆକୃଷ୍ଟ ହୋଇ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ। ରାମ ବିବାହ କରିଥିବା ଜଣାଇ ଲକ୍ଷ୍ମଣଙ୍କୁ ପ୍ରସ୍ତାବ ଦେବାକୁ କହିଥିଲେ। ସୁନ୍ଦରୀ ସୂପଣଖା ଲକ୍ଷ୍ମଣଙ୍କୁ ବିବାହ କରିବାକୁ ଜିଦ ଧରିବାରୁ ଲକ୍ଷ୍ମଣ ନାସା ଛେଦନ କରିଥିଲେ। ଏହାଦେଖି ସୂପଣଖାଙ୍କ ଅଙ୍ଗରକ୍ଷୀ ଖର, ଦୂଷଣ ଓ ତ୍ରିଶିରା, ରାମ ଓ ଲକ୍ଷ୍ମଣଙ୍କ ସହିତ ଯୁଦ୍ଧ କରି ନିହତ ହୋଇଥିଲେ। ରାମାୟଣର ଏହି ବିଷୟ ବସ୍ତୁକୁ କଳାକାର ମାନେ ଅଭିନୟ କରିଥିଲେ। ରାମ, ଲକ୍ଷ୍ମଣ, ଭରତ, ଗୟାପଣ୍ଡା, ସୂପଣଖା, ଖର, ଦୂଷଣ, ତ୍ରିଶିରା ଭୂମିକାରେ ଯଥାକ୍ରମେ, ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, ରଞ୍ଜନ ପାଣିଗ୍ରାହୀ, ସୋନୁ ପାଣିଗ୍ରାହୀ ଓ ବିକି ପୃଷେଟ, ତମାଳ ନାଏକ, ପିକଲୁ ପାଣିଗ୍ରାହୀ, ସୁବୋଧ ସାହୁ, ସାଗର ସା ଅଭିନୟ କରିଥିଲେ। ଯାତ୍ରାରେ ବିଭୂତି ନାୟକ, ଅର୍ଜ୍ଜୁନ ନାୟକ ଗାୟକ ଓ ପାଳିଆ ଅଚ୍ୟୁତ ସାହୁ, ହରି ଶଙ୍କର ପାଣିଗ୍ରାହୀ, ଦିବ୍ୟ ଶଙ୍କର ସା, ଚକ୍ରଧର ପୃଷେଟ, ସନ୍ତୋଷ ସା, ଦାୟିତ୍ୱ ତୁଲାଉଥିଲାବେଳେ ସୀତାରାମ ଖିଚିଡି,ବିଚିତ୍ର ବେହେରା, ସୁଜିତ ପୃଷେଟ, ଅଶୋକ ରାଉତ ଡ୍ରେସିଂ ଓ ପେଣ୍ଟିଂ ଦାୟିତ୍ୱ ତୁଲାଉଛନ୍ତି। ନେତ୍ରାନନ୍ଦ ସା, ମାନସ କର, ଲଡୁକେଶ୍ୱର୍ କର, ସୀତାରାମ ସା, ଗୌରାଙ୍ଗ ପୃଷେଟ ପରଭା ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି।


ଶ୍ରୀରାମଙ୍କୁ ସାକ୍ଷାତ ପାଇଁ ଭରତ ଅରଣ୍ୟ ଅଭିମୁଖେ ଯାତ୍ରା କରୁଛନ୍ତି।

**ବଡ଼ଗାଁ ରାମଲୀଳା ଯାତ୍ରା**

## ସଂକ୍ଷେପରେ

### ସେକ୍ଟର-୬ ଅଞ୍ଚଳରେ ବାଲ୍ୟ ବିବାହ

**ରାଉରକେଲା, ୨୪।୪(ସଙ୍ଗୀତା ଜେନା):** ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୬ ସୁବାସପଲ୍ଲୀରେ ଏକ ବାଲ୍ୟବିବାହ ହୋଇଥିବା ସୂଚନା ମିଳିଛି। ସୁବାସପଲ୍ଲୀ ନିବାସୀ ବର ପ୍ରାପ୍ତ ବୟସ୍କ ହୋଇଥିବା ବେଳେ ଟାଙ୍ଗରପାଲୀ ଅଞ୍ଚଳର କନ୍ୟା (୧୭) ବର୍ଷର। ଘଟଣା ସ୍ଥଳରେ ଜିଲା ପ୍ରଶାସନ, ଶିଶୁ କଲ୍ୟାଣ ସମିତିର ସଦସ୍ୟ ମାନେ ବିବାହ ରୋକିବାକୁ ବାରଣ କରିଥିବା ସତ୍ତ୍ୱେ ପରିବାରବର୍ଗ ଜୋର ଜବରଦସ୍ତି ବିବାହ କରାଇଥିଲେ। ବୁଧବାର ବିବାହର ସମସ୍ତ ପ୍ରମାଣ ଶିଶୁ କଲ୍ୟାଣ ସମିତିର ହସ୍ତଗତ ହେବା ପରେ ପ୍ରଶାସନ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଏ ନେଇ ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟ ବାଲ୍‌ମୁକୁନ୍ଦ ଶୁକ୍ଲା ସୂଚନା ପ୍ରଦାନ କରିଛନ୍ତି। ଶୁକ୍ଲାଙ୍କ ଅନୁଯାୟୀ, ପ୍ରାୟ ୭ ଦିନ ପୂର୍ବେ ଏ ସମ୍ପର୍କରେ ଜାଣିବା ପରେ ସିଡିପିଓ ମମତା ଦେଇ ଓ ପ୍ରଶାସନିକ ଅଧିକାରୀ ଉକ୍ତ ପରିବାରବର୍ଗଙ୍କୁ ଭେଟି ବିବାହଘର କରିବାକୁ ବାରଣ କରିଥିଲେ। ପରିବାରବର୍ଗ ସହମତି ଦେଇଥିଲେ। ହେଲେ ପରେ ସେମାନେ ନାବାଳିକା ସହ ନିଜ ପୁଅର ବିବାହ କରିଦେଇଥିଲେ। ଏ ସମ୍ପର୍କରେ ସବୁ କିଛି ଜାଣିବା ପରେ ଥାନାରେ ଉଭୟ ବରକନ୍ୟା ପକ୍ଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶୁକ୍ଲା କହିଥିଲେ।

### ବିଜେଡି ସାଂସ୍କୃତିକ ଜିଲା ସଂଯୋଜକ ହେଲେ ରୋଶନ

**ସୁନ୍ଦରଗଡ, ୨୪।୪(ଜୟ ନାରାୟଣ ମେଣ୍ଟୁଲି):** ନିର୍ବାଚନରେ କଳାକାର ଓ ବିଭିନ୍ନ ସାଂସ୍କୃତିକ ଦଳ ମାଧ୍ୟମରେ ପ୍ରଚାର କାର୍ଯ୍ୟ ପରିଚାଳନା ପାଇଁ ବିଜେଡି ତରଫରୁ ଏକ ସାଂସ୍କୃତିକ ସମନ୍ୱୟ ସାମୁଖ୍ୟ ଗଠନ କରାଯାଇଛି। ଏଥିରେ ରାଜ୍ୟ ତଥା ବିଭିନ୍ନ ଜିଲା ସଂଯୋଜକଙ୍କ ନାମ ଘୋଷଣା କରାଯାଇଛି। ସୁନ୍ଦରଗଡ ଜିଲା ପାଇଁ ରୋଶନ ସାହୁଙ୍କୁ ନିଯୁକ୍ତି ମିଳିଛି। ମଙ୍ଗଳବାର ବିଜେଡି ରାଜ୍ୟ ସଭାପତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କମିଟି ଘୋଷଣା କରିଛନ୍ତି। ଏଥିପାଇଁ ଜିଲା ସାଂସ୍କୃତିକ ସଂଯୋଜକ ସାହୁ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସାଙ୍ଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ପର୍ଯ୍ୟବେକ୍ଷକ ଇଂ ପ୍ରିତିରଞ୍ଜନ ଘଡ଼େଇ, ଜିଲା ବିଜେଡି ସଭାପତି ବିନୟ ଟପ୍ପୋ ଏବଂ ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।


ରୋଶନ ସାହୁ।

# ବଢୁଛି ଅବୈଧ ଯାନବାହନ ପାର୍କିଂ

**ରାଉରକେଲା, ୨୪।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଉନ୍ନୟନ ବିଭାଗ ଅନ୍ତର୍ଗତ ଡେଲି ମାର୍କେଟ ଓ ପାନପୋଷର ୧୦କି.ମି. ରାସ୍ତା ସହରର ମୁଖ୍ୟ ମାର୍ଗ। ମାତ୍ର ରାସ୍ତାରେ ହେଉଥିବା ଅବୈଧ ପାର୍କିଂ ଯୋଗୁ ଲୋକେ ସମସ୍ୟା ଭୋଗୁଛନ୍ତି। ୧୦କି.ମି. ରାସ୍ତା ମଧ୍ୟରେ ରାଉରକେଲା ସହରର ଡେଲି ମାର୍କେଟ ଛକ,ଉଦିତ ନଗର ଛକ, ଏସ୍‌ଟିଆଇ ଛକ, ଆଇଟିଆଇ ଛକ, ପାନପୋଷ ଛକ ଏବଂ ସିଟିଆଇ ଭଳି ମୁଖ୍ୟ ମାର୍କେଟ ଛକ ରହିଛି। ଏଥିସହ ରାସ୍ତା ସଂଲଗ୍ନରେ ରହିଛି ସରକାରୀ ସ୍ୱୟଂଶାସିତ କଲେଜ ଭଳି ଅନେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ। ଏହା ବ୍ୟତୀତ ଜେଏମ୍‌ଏଫ୍‌ସି କୋର୍ଟ ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ନିଯୁକ୍ତି ନିୟୋଜନ, ଜିଏସ୍‌ଟି ଅଫିସ,ରାଉରକେଲା ସରକାରୀ ଡାକ୍ତରଖାନା, ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ପରିବହନ ବିଭାଗ, ଶ୍ରମ ବିଭାଗ କାର୍ଯ୍ୟାଳୟ, ଉଦ୍ୟୋଗ ଶିଳ୍ପକେନ୍ଦ୍ର ଓ ରଘୁନାଥପାଲ୍ଲୀ ଥାନା ଭଳି ଜନସେବାକାରୀ ସରକାରୀ କାର୍ଯ୍ୟାଳୟ ରହିଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଲୋକ ଯା’ ଆସ କରିଥାନ୍ତି। ହେଲେ ରାସ୍ତାରେ ଅବୈଧ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ୧ କି.ମି. ଯିବାକୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏପରି କି ଆମ୍ବୁଲାନ୍ସ ଯିବାରେ ସମସ୍ୟା ହେଉଛି। ଆର୍‌ଡିଏ ଅଧୀନ ଏହି ରାସ୍ତାରେ ପାର୍କିଂଜନିତ ଟ୍ରାଫିକ୍ ଜାମ୍ ସମସ୍ୟା ସମାଧାନରେ ରାଉରକେଲା ପରିବହନ ବିଭାଗ ଓ ଟ୍ରାଫିକ୍ ପୋଲିସ ପକ୍ଷରୁ ପ୍ରୟାସ କରାଯାଉଛି। ହେଲେ ଯାନବାହନ ପାର୍କିଂ ଟର୍ମିନାଲ ବ୍ୟବସ୍ଥାର


ରାଉରକେଲା ଡେଲିମାର୍କେଟ-ପାନପୋଷ ଛକରେ ଅବୈଧ ଗାଡି ପାର୍କିଂ ହୋଇଛି।

**ପାର୍କିଂ ଟର୍ମିନାଲ,ଟ୍ରାଫିକ୍ ନିୟନ୍ତ୍ରଣ ଅଧିକାରୀ,କର୍ମଚାରୀଙ୍କ ଅଭାବ**

ଅଭାବ ଏବଂ ଟ୍ରାଫିକ୍ ନିୟନ୍ତ୍ରଣଜନିତ ଅଧିକାରୀ ଓ କର୍ମଚାରୀ ଅଭାବ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ସକାଳ ୬ଟା ପରେ ୪ଚକିଆ ଏବଂ ୨ଚକିଆ ଯାନବାହନର ଲମ୍ବା ଲାଇନ ଲାଗୁଛି। ଫଳରେ ରାସ୍ତାରେ ଅସମ୍ଭାଳ ଟ୍ରାଫିକ୍ ଜାମ୍ ହେବା ସହ ରାସ୍ତା ସମ୍ପୂର୍ଣ୍ଣ ସଂକୀର୍ଣ୍ଣ ହେଉଛି। ପରିବହନ ବିଭାଗ କହିବା ଅନୁସାରେ, ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥରେ ଅବୈଧ ପାର୍କିଂ ହଟାଇବା ନେଇ କଡା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ବୀରମିତ୍ରପୁରରୁ କୋଏଡା ୫୨୦ନଂ. ଏନ୍‌ଏଚ୍ ଓ ବେଦବ୍ୟାସରୁ ପୋଲିସ ଆଉଟପୋଷ୍ଟ ୧୦କି.ମି. ଏସ୍‌ଏଚ୍‌ରେ ମାସେ ମଧ୍ୟରେ ଅବୈଧ ପାର୍କିଂ ଉପରେ କଡା ଆଭିମୁଖ୍ୟ ଗ୍ରହଣ ହୋଇଛି। ଏନ୍‌ଏଚ୍ ଉପରେ ପାର୍କିଂ ସଂକ୍ରାନ୍ତୀୟ ୧୩୩ଟି ଭିସିଆର ମାମଲା ରୁଜୁ ହୋଇଛି। ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରୁ ଅବୈଧ ପାର୍କିଂ ନିୟନ୍ତ୍ରଣ ପାଇଁ ୭ଟି ପାର୍କିଂ ଟର୍ମିନାଲ ନିର୍ମାଣ କରାଯାଇଛି। ମାତ୍ର ରାଉରକେଲା ଡେଲି ମାର୍କେଟ-ପାନପୋଷ ରାସ୍ତା ଆର୍‌ଡିଏ ବିଭାଗ ଅଧୀନରେ ଥିବାବେଳେ ରାସ୍ତାରେ ଯାନବାହନ ରଖିବା ପାଇଁ ଏପର୍ଯ୍ୟନ୍ତ ଆବଶ୍ୟକ ପାର୍କିଂ ଟର୍ମିନାଲ ନିର୍ମାଣ ହେଉନି। ଅନ୍ୟପଟେ ସହରରେ ଟ୍ରାଫିକ୍ ସମସ୍ୟା ନିୟନ୍ତ୍ରଣ ପାଇଁ ଆବଶ୍ୟକ ଭିତ୍ତିଭୂମି ସୁଦୃଢ ନାହିଁ। ଜଣେମାତ୍ର ଟ୍ରାଫିକ୍ ଇନ୍ସପେକ୍ଟରଙ୍କ ଭରସାରେ ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ହେଉଛି। ସହରରେ ଦିନକୁ ଦିନ ଯାନବାହନ ସଂଖ୍ୟା ବୃଦ୍ଧି ପାଉଛି, ମାତ୍ର ଲୋକଙ୍କ ଯାନବାହନ ମୁତାବକ ଟ୍ରାଫିକ୍ ସୁବ୍ୟବସ୍ଥା ଏଯାଏ ସହରରେ ହୋଇପାରି ନାହିଁ। ତେଣୁ ଏ ଦିଗରେ ବିଭାଗୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏନେଇ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ଭି. ସାମନ୍ତ ସିଂହ ରାୟ କହିଛନ୍ତି, ଡେଲି ମାର୍କେଟ-ପାନପୋଷ ୧୨କି.ମି. ରାସ୍ତାରେ ପାର୍କିଂଜନିତ ସମସ୍ୟା ନିଶ୍ଚିତ ଭାବେ ଚିନ୍ତାଜନକ। ଆବଶ୍ୟକ ଭିତ୍ତିଭୂମିଜନିତ ଆନୁଷଙ୍ଗିକ ସମସ୍ୟା ପାଇଁ ପଦକ୍ଷେପ ନେବାରେ ଅସାମଞ୍ଜସ୍ୟ ହେଉଛି। ରାସ୍ତାର ପାର୍କିଂ ଟର୍ମିନାଲ କାର୍ଯ୍ୟ ଉନ୍ନୟନ ବିଭାଗ ହାତରେ ନ୍ୟସ୍ତ ରହିଛି ବୋଲି ଦର୍ଶାଇଥିଲେ।

## କାର୍ ଧକ୍କାରେ ଶିଶୁ ମୃତ

**ଲହୁଣୀପଡା, ୨୪।୪(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ୧୪୩ ନଂ. ଜାତୀୟ ରାଜପଥର ମୂଷାବିରା ଛକଠାରେ କାରକୁ ଅନ୍ୟ ଏକ କାର ଧକ୍କା ଦେବାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଏଥିସହ ୨ ଜଣ ଆହତ ହୋଇଛନ୍ତି। ସୂଚନାରୁ ପ୍ରକାଶ,ଚାନ୍ଦିପୋଷ ଥାନା ମୂଷାବିରା ଗ୍ରାମର ଜଗନ୍ନାଥ ଓରାମଙ୍କ ପରିବାର ଓ -୧୪ ୟୁ -୨୮୪୨ କାର ଯୋଗେ ମୂଷାବିରା ଗ୍ରାମରୁ ବାହାରି ଜାତୀୟ ରାଜପଥ ୧୪୩ ନଂ. ରାସ୍ତାରେ ପହଞ୍ଚିବା ପରେ ରାଉରକେଲା ପଟୁ ରାଜାମୁଣ୍ଡା ପଟେ ଆସୁଥିବା ଓ ୦୨ - ୨୯୭୨ କାରଟି ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। କାର ଭିତରେ ଜଗନ୍ନାଥଙ୍କ ପୁଅ ରୁଷଭ ଓରାମ (ସାଢ଼େ ଚାରିବର୍ଷ)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଚାନ୍ଦିପୋଷ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇବା ସହିତ ଶିଶୁର ମୃତଦେହକୁ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏଥିସହ କାର ୨ଟିକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଉଛି।

# ବସ୍ତି ଉଚ୍ଛେଦକୁ ବିରୋଧ କଲା ଭାଜପା



ରାଉରକେଲା ଡିଏଫଓଙ୍କ ସହ ଭାଜପା ପ୍ରତିନିଧି ମଣ୍ଡଳୀ ଆଲୋଚନା କରୁଛନ୍ତି।

**ରାଉରକେଲା, ୨୪।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ସେକ୍ଟର-୬ ଏକତା ବସ୍ତିରେ ବନ ବିଭାଗ ତରଫରୁ ଚାଲିଥିବା ବସ୍ତି ଉଚ୍ଛେଦ ପ୍ରକ୍ରିୟା ବିରୋଧରେ ସ୍ୱର ଉତ୍ତୋଳନ କରିଛି ଭାଜପା। ଏହା ବିରୋଧରେ ବୁଧବାର ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ଦଳୀୟ ପ୍ରତିନିଧି ମଣ୍ଡଳ ରାଉରକେଲା ଡିଏଫ୍‌ଓଙ୍କୁ ସାକ୍ଷାତ କରି ଏଭଳି ପ୍ରକ୍ରିୟା ତୁରନ୍ତ ବନ୍ଦ କରିବାକୁ ଦାବି କରିଥିଲେ। ଏଥିସହ ଭାଜପା ପ୍ରତିନିଧି ମଣ୍ଡଳ କହିଥିଲେ, ବସ୍ତି ଉଚ୍ଛେଦ ପ୍ରକ୍ରିୟା ସିଧାସଳଖ ମାନିବୀୟ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଏଥିସହ ବସ୍ତିରେ ରହୁଥିବା ଅଧିକାଂଶ ଜନଜାତି ଓ ଦଳିତ ବର୍ଗ

**ପ୍ରକ୍ରିୟା ବନ୍ଦ ନ ହେଲେ ରାଜରାସ୍ତାକୁ ଓହ୍ଲାଇବା ଚେତାବନୀ**

ଲୋକମାନେ ଭାଜପାକୁ ସମର୍ଥନ କରୁଥିବାରୁ ଶାସକ ଦଳର ଇଙ୍ଗିତରେ ବସ୍ତି ଉଚ୍ଛେଦ କରୁଛି ବନବିଭାଗ ବୋଲି ମତପ୍ରକାଶ କରିଥିଲେ। ବସ୍ତି ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରା ନ ଗଲେ ଭାଜପା ଦଳିତ ଓ ଜନଜାତିଙ୍କ ମାନବୀୟ ଅଧିକାର ସାବ୍ୟସ୍ତ ପାଇଁ ରାଜରାସ୍ତାକୁ ଓହ୍ଲାଇବା ନିଶ୍ଚିତ ବୋଲି କହିଥିଲେ। ବସ୍ତି ଉଚ୍ଛେଦ ପ୍ରକ୍ରିୟା ବିରୋଧରେ ଭାଜାପା ଦଳୀୟ ପ୍ରତିନିଧି ମଣ୍ଡଳରୁ ରଘୁନାଥପାଲୀ ବିଧାୟକ ପ୍ରାର୍ଥି ଦୁର୍ଗା ଚରଣ ତନ୍ତୀଙ୍କ ସହିତ ଜିଲା ସମ୍ପାଦିକା ସସ୍ମିତା ପାଢୀ, ଜିଲା ଯୁବ ମୋର୍ଚ୍ଚା ସଭାପତି ଶ୍ରୀକାନ୍ତ ରାଏ, ଅନୀଳ ଗୁପ୍ତା, କୈଳାସ ତନ୍ତୀ, ସରୋଜ ନାଗ ପ୍ରମୁଖ ସାମିଲ ଥିଲେ। ଅନ୍ୟ ପକ୍ଷେ ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ କହିଛନ୍ତି,ଭାଜପା ଉଠାଉଥିବା ଦାବି ଗ୍ରହଣୀୟ ନୁହେଁ। କାରଣ ସଂରକ୍ଷିତ ଜଙ୍ଗଲ ଜମି ଅନ୍ତର୍ଗତ ରହିଛି ସେକ୍ଟର-୬ ସ୍ଥିତ ଦୁର୍ଗାପୁର ବସ୍ତି ଓ ଏକତା ବସ୍ତି। ମାତ୍ର ଦିନକୁ ଦିନ ଏହି ବସ୍ତିରେ ଅନାୟାସେ ଜମି ଅତିକ୍ରମଣ ହୋଇ ଗୃହାଦି ନିର୍ମାଣ ହେଉଛି। ତେଣୁ ସଂରକ୍ଷଣ ଜଙ୍ଗଲ ଜମି ଅତିକ୍ରମଣ ଧାରାକୁ ରୋକିବା ପାଇଁ ଏହି ଦୃଢ କାର୍ଯ୍ୟାନୁଷ୍ଠାନ ବନ ବିଭାଗ ପକ୍ଷରୁ ନିଆଯାଇଛି। ଏହା କଦାଚିତ ବନ୍ଦ ହେବ ନାହିଁ ବୋଲି ଉଲ୍ଲେଖ କରିବା ସହ ଏଥିରେ କୌଣସି ପ୍ରକାର ରାଜନୈତିକ ଚାପ ନାହିଁ ବୋଲି କହିଥିଲେ।

## ସ୍ୱାମୀ ମାଡ଼ରେ ସ୍ତ୍ରୀ ଗୁରୁତର, ଥାନାରେ ମାମଲା

**ରାଉରକେଲା, ୨୪।୪(ସଙ୍ଗୀତା ଜେନା)**

ଝିରପାଣିଥାନା ଅନ୍ତର୍ଗତ ଜଗଦା ଅଞ୍ଚଳରେ ବୁଧବାର ସ୍ୱାମୀ ମାଡରେ ସ୍ତ୍ରୀ ଗୁରୁତର ହୋଇଥିବା ସୂଚନା ମିଳିଛି। ଗୁରୁତର ସ୍ତ୍ରୀଙ୍କୁ ଆଇଜିଏଚ୍‌ରେ ଚିକିତ୍ସା କରାଯାଉଛି। ଏ ନେଇ ତାଙ୍କ ଝିଅ ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା(ନଂ. ୭୧/୨୪) ରୁଜୁ କରି ତଦନ୍ତ କରୁଛି।

## ଛୁରିଧାର ନିଆଁରୁ ଅଗ୍ନିକାଣ୍ଡ

**ରାଉରକେଲା, ୨୪।୪(ସଙ୍ଗୀତା ଜେନା)**

ଛୁରିଧାର କରୁଥିବା ବେଳେ ସେଥିରୁ ଅଗ୍ନିସ୍ଫୁଲିଙ୍ଗ ହୋଇ ପାଳ ଦୋକାନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ପାଳ ଭସ୍ମୀଭୂତ ହୋଇଯାଇଥିବା ବେଳେ କେହି କ୍ଷତିଗ୍ରସ୍ତ ହୋଇ ନ ଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସେକ୍ଟର ୧୫ ଥାନା ଅନ୍ତର୍ଗତ ସେକ୍ଟର-୧୬ ଜଗନ୍ନାଥପାଲୀ ଅଞ୍ଚଳର ଅଶୋକ ରଜକ ଏକ ଛୁରୀ ଧାର କରୁଥିଲେ। ତାଙ୍କ ଅଜାଣତରେ ଅଗ୍ନିସ୍ଫୁଲିଙ୍ଗ ପାଳରେ ପଡ଼ିଯାଇଥିଲା। ଘଟଣା ସ୍ଥଳରେ ରାଉରକେଲା ଇସ୍ପାତ କାରଖାନା ଓ ଅଗ୍ନିଶମ ବିଭାଗର ୨ଟି ଦମକଳ ଗାଡ଼ି ଏହି ନିଆଁକୁ ଆୟତ୍ତ କରିଥିଲେ। ପ୍ରଶାସନ ପକ୍ଷରୁ କିଛି ସହଯୋଗର ଆଶା ଲୋଡିଛନ୍ତି ଦୋକାନ ମାଲିକ ରଜକ।

# ପାରମ୍ପରିକ ପ୍ରଚାର ଉପରୁ ଗୁରୁତ୍ୱ ହଟୁଛି

**ରାଉରକେଲା, ୨୪।୪(ସଙ୍ଗୀତା ଜେନା)**

- ବଢୁଛି ରାଜନେତାଙ୍କ ମାଇକ୍ରୋ ମ୍ୟାନେଜମେଣ୍ଟ
- ରାଉରକେଲା ନିର୍ବାଚନମଣ୍ଡଳୀ

ସାଧାରଣ ନିର୍ବାଚନ ପାଇଁ ସୁନ୍ଦରଗଡ଼ ଜିଲାରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ଶେଷ ହୋଇସାରିଛି। ପାନପୋଷ ଉପଖଣ୍ଡ ପାଇଁ ଏପ୍ରିଲ ୨୬ରୁ ନାମାଙ୍କନ ଆରମ୍ଭ ହେବାକୁ ଯାଉଛି। ଏ ନେଇ ରାଉରକେଲା ରାଜନୀତିରେ ଉଷ୍ମତା ଦେଖିବାକୁ ମିଳିଛି। ପାରମ୍ପରିକ ପ୍ରଚାରପ୍ରସାରକୁ ନେତାମାନେ ଗୁରୁତ୍ୱ ଦେଉନାହାନ୍ତି। ଚଳିତବର୍ଷ ମାଇକ୍ରୋ ମ୍ୟାନେଜମେଣ୍ଟ ପ୍ରଣାଳୀରେ ଭୋଟ ବ୍ୟାଙ୍କ ପ୍ରସ୍ତୁତ କରାଯାଉଥିବା ଲକ୍ଷ୍ୟ ରଖାଯାଇଛି। ବିଶେଷ ଭାବେ ମହିଳା ଭୋଟରଙ୍କୁ ମତଦାନ ପ୍ରତି ଆକୃଷ୍ଟ କରିବା ପାଇଁ ନୂତନ ତରିକା ଆପଣେଇବାରେ ନେତାମାନେ ବ୍ୟସ୍ତ। ଏହାରି ମଧ୍ୟରେ ରହିଛି ମହିଳାଙ୍କ ପାଇଁ ପ୍ରଚଳିତ ହେଉଥିବା ‘କିଟିଗ୍ରୁପ’। ଏହାକୁ ଟାର୍ଗେଟ କରି ମହିଳାଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଯୋଜନା କରାଯାଉଛି। ୨୦୧୯ରେ ମହିଳା ଭୋଟ ହାତେଇବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ପ୍ରାଥମିକତା ଦିଆଯାଇଥିଲା। ହେଲେ ଚଳିତ ଟ୍ରେଣ୍ଡରେ ରହିଥିବା କିଟିଗ୍ରୁପଗୁଡ଼ିକୁ ଆପ୍ୟାୟିତ କରି ଭୋଟ ନେବା ଯୋଜନା କରାଯାଉଛି। ରାଉରକେଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିଭିଲଟାଉନଶିପ୍, କୋଏଲନଗର, ଶକ୍ତିନଗର, ଛେଣ୍ଡ, ବାସନ୍ତୀକଲୋନୀ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଜନବସତିରେ ଦିନକୁ ଦିନ ବୃଦ୍ଧି ପାଉଛି କିଟି ଗ୍ରୁପ। ଉଚ୍ଚତମ ଆୟବର୍ଗଙ୍କୁ ନେଇ ପୂର୍ବରୁ ଏହି କିଟି ଗ୍ରୁପ ତିଆରି ହୋଇ ପରିଚାଳନା କରାଯାଉଥିଲା। ହେଲେ ଉଚ୍ଚବର୍ଗଙ୍କ ଚଳନକୁ ଅନୁସରଣ କରି ମଧ୍ୟମ ଓ ନିମ୍ନ ମଧ୍ୟବର୍ତ୍ତୀ ବର୍ଗର ୧୦ରୁ ଊର୍ଦ୍ଧ୍ୱ ମହିଳାମାନେ ଏହି କିଟି ଗ୍ରୁପ ତିଆରି କରୁଛନ୍ତି। ରାଉରକେଲା ନିର୍ବାଚନମଣ୍ଡଳୀରେ ଏପରି ୧ ହଜାରରୁ ଊର୍ଦ୍ଧ୍ୱ କିଟି ଗ୍ରୁପ ଥିବା ଜଣାପଡ଼ିଛି। ଏଥିରେ ଥିବା ସଦସ୍ୟାଙ୍କୁ ଉପହାର, ଖାଦ୍ୟପାନୀୟ ଓ ମନୋରଞ୍ଜନର ସାଧନ ଦେଇ ସେମାନଙ୍କ ଭୋଟକୁ ହାତେଇବାରେ ନେତାମାନେ ବ୍ୟସ୍ତ ହୋଇଯାଇଛନ୍ତି। ସେହିପରି ଅନ୍ୟତମ ଟାର୍ଗେଟରେ ଅଛି ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମହିଳା ୱିଙ୍ଗଗୁଡ଼ିକ। ସେମାନଙ୍କୁ ଆକର୍ଷଣୀୟ ପ୍ରତିଶ୍ରୁତି ଦିଆଯାଇ ଦଳ ପ୍ରତି ଅନୁଗ୍ରହୀତ କରାଯାଉଛି। ସେହି ମଧ୍ୟରେ ଅନେକ ପିଭିଆର୍ ଓ ମଲ୍‌ଗୁଡିକରେ ଉଚ୍ଚ ରୁଚିସମ୍ପନ୍ନ ପାର୍ଟି ମଧ୍ୟ ଅନ୍ୟତମ। ଏହାକୁ ମାଇକ୍ରୋ ମ୍ୟାନେଜମେଣ୍ଟ ବୋଲି ବୁଦ୍ଧିଜୀବୀ ମହଲରେ ପରିଗଣନା କରାଯାଉଛି। ନାମାଙ୍କନ ବିଧି ପୂର୍ବରୁ ଏପରି ସକ୍ରିୟତା ବୃଦ୍ଧି ପାଉଥିବା ବେଳେ ଶକ୍ତିଶାଳୀ ଦଳର ନେତାଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି। ପତିଆରାକୁ ପ୍ରମାଣିତ କରିବା ପାଇଁ ରାଜନେତାମାନେ କିଟି ଦ୍ୱାରା ସକ୍ରିୟତା ବୃଦ୍ଧି କରୁଛନ୍ତି। ଆଗାମୀ ଦିନରେ ଏହି ମହିଳାଙ୍କୁ ନେଇ ହେଉଥିବା ମାଇକ୍ରୋମ୍ୟାନେଜମେଣ୍ଟ ଏକ ବଡ଼ ଭୋଟ ବ୍ୟାଙ୍କକୁ ରାଜନେତାମାନେ ନିଜ ସପକ୍ଷରେ ଆଣିବାକୁ ସଫଳ ହେବ ବୋଲି ଆଲୋଚନା ହେଉଛି।

## ସାପ କାମୁଡ଼ାରେ ନାବାଳକ ମୃତ

**ଲହୁଣୀପଡା, ୨୪।୪(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ବାଉରକେଲାରେ ସାପ କାମୁଡାରେ ବୁଧବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମନୋଜ ନାଏକ (୧୬)। ବୁଧବାର ସକାଳୁ ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିବା ବେଳେ ତାଙ୍କ ଗୋଡ଼ରେ ଆଘାତ ଲାଗିଥିବା ଅନୁଭବ କରିଥିଲା। ଘଟଣା ସମ୍ପର୍କରେ ଘରେ ଆସି କହିବାରୁ ତାଙ୍କୁ ଲହୁଣୀପଡା ଡାକ୍ତରଖାନା ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଆର୍‌ଏସ୍‌ପି ଶପ୍ ବିଭାଗ କର୍ମଚାରୀ ପୁରସ୍କୃତ

**ରାଉରକେଲା, ୨୪।୪(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସପି ମେକାନିକାଲ ଶପ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶପ ବିଭାଗର ୨୦ଜଣ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସାବାସ ଯୋଜନା ଅଧିନରେ ପୁରସ୍କୃତ କରାଯାଇଛି। ଡିଜାଇନ ଏବଂ ଶପ ବିଭାଗର ସିଜିଏମ ରବି ରନ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏନେଇ ଆର୍‌ଏସଏମ ବିଭାଗର ଜିଏମ ଡି.କେ ନାୟକ, ଏସ ଆଣ୍ଡ ଏଫ ସପ ଏବଂ ପିସିଏସ ବିଭାଗର ଜିଏମ ଏସ ସି ସାବତ, କାର୍ମିକ ବିଭାଗର ସିନିୟର ମ୍ୟାନେଜର ଜୟନ୍ତ କୁମାର ଦାଶ ତଥା ଅନ୍ୟସବୁ ବରିଷ୍ଠ ଅଧିକାରୀ ଏବଂ ଉକ୍ତ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଶପ ମେକାନିକାଲ ବିଭାଗର ଏଜିଏମ ଆର.କେ ମିଶ୍ର ସଂଯୋଜନା କରିଥିବା ବେଳେ ଏଜିଏମ ନରେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏ ଯୋଜନାରେ ସମୁଦାୟ ୨୦ଜଣ କର୍ମଚାରୀଙ୍କ ମଧ୍ୟରୁ ୧୦ଜଣ ମେକାନିକାଲ ଶପ ବିଭାଗର ୬ଜଣ ଫାଉଣ୍ଡ୍ରିରୁ ଓ ୪ଜଣ ଷ୍ଟ୍ରକଚରାଲ ଆଣ୍ଡ ଫ୍ୟାବ୍ରିକେସନ ସପ ବିଭାଗ ଅନ୍ତର୍ଭୁକ୍ତ ଥିଲେ। ହଟ୍ ଷ୍ଟ୍ରିପ ମିଲ-୨ ବିଭାଗର ସିଟ ସୟରିଙ୍ଗ ଲାଇନ୍‌ରେ ଉଲ୍ଲେଖନୀୟ କାର୍ଯ୍ୟ ସାଧନ ପାଇଁ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।


ସାବାସ ଯୋଜନାରେ କର୍ମଚାରୀ ପୁରସ୍କୃତ ହେଉଛନ୍ତି।

# କୋମଳମତି ଶିଶୁଙ୍କ ହାତରେ ଭିକ୍ଷାଥାଳ

**ରାଉରକେଲା, ୨୪।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ପ୍ରସିଦ୍ଧ ବେଦବ୍ୟାସ ପୀଠରେ କୋମଳମତି ପିଲାମାନେ ଭିକ୍ଷାଥାଳ ଧରି ଭିକ୍ଷାବୃତ୍ତି କରୁଛନ୍ତି। ଚିନ୍ତାର ବିଷୟ, ଯେଉଁ କୋମଳମତି ଶିଶୁମାନେ ଭିକ୍ଷାବୃତ୍ତି କରୁଛନ୍ତି ସେମାନଙ୍କ ନାଁ ନିକଟସ୍ଥ ସ୍କୁଲରେ ଲେଖା ରହିଛି। ଏମିତିକି ସରକାରୀ ସ୍କୁଲରୁ ବହି ପୋଷାକ ମଧ୍ୟ ପାଉଛନ୍ତି। ମାତ୍ର ସ୍କୁଲ ନ ଯାଇ ଭିକ୍ଷାବୃତ୍ତି କରିବା ସହ ସ୍ୱର୍ଗଦ୍ୱାର ଶଶ୍ମାନରେ ହରିଶ୍ଚନ୍ଦ୍ର ସାଜି ଦିନମଜୁରୀ ବାବଦ ବେତନ ପାଇ ସିଗାରେଟ୍,ହାଣ୍ଡିଆ ଆଦି ସେବନ କରୁନ୍ତି। ସେମାନଙ୍କୁ ସୁପଥକୁ ଆଣିବା ପାଇଁ ଅଭିଭାବକ ତଥା ବିଭାଗୀୟ ପ୍ରଶାସନ ତରଫରୁ କୌଣସି ବିହିତ ପଦକ୍ଷେପ ଗ୍ରହଣ ହେଉ ନ ଥିବା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀ ମହଲରେ ଅଭିଯୋଗ ହେଉଛି। ଅନ୍ୟପଟେ ନଦୀକୂଳିଆ ଅନୁନ୍ନତ ବର୍ଗ ଅଭିଭାବକ ମାନେ ସକାଳ ହେଲେ ନିଜ କୋମଳମତି ପିଲାଙ୍କ ହାତରେ ଭିକ୍ଷାଥାଳ ଧରାଇ ଦେଇ ମନ୍ଦିର ରାସ୍ତାରେ ଭିକ୍ଷାବୃତ୍ତି କରିବାକୁ କହୁଛନ୍ତି ଏବଂ ନିଜେ ମଧ୍ୟ ଭିକ୍ଷାବୃତ୍ତି କରୁଛନ୍ତି। ଗୋଟିଏ ପଟେ ରାଜ୍ୟ ଏବଂ କେନ୍ଦ୍ର ସରକାର ଦେଶରୁ ଭିକ୍ଷାବୃତ୍ତି ବନ୍ଦ କରିବା ନିମନ୍ତେ ଭିକାରୀ ମୁକ୍ତ ଦେଶ ଏବଂ ଭିକାରୀ ମୁକ୍ତ ସହର ଯୋଜନାରେ ଅନେକ ବାଳାଶ୍ରମ,ଅନେକ ପ୍ରତିଷ୍ଠାନ ସ୍ଥାପନ କରୁଛନ୍ତି। ମାତ୍ର ବାସ୍ତବ କ୍ଷେତ୍ରରେ ସମସ୍ତ ଯୋଜନା ପ୍ରହସନ ହୋଇ ରହିଯାଉଛି। ରାଉରକେଲା ସହରରେ ୨୦୨୩ ଜାନୁୟାରୀ ୧ରୁ ଭିକାରୀମୁକ୍ତ ସହର ଯୋଜନା କାର୍ଯ୍ୟକାରୀ ହେଲା। ସହରର ରେଲୱେ ଷ୍ଟେଶନ, ମନ୍ଦିର, ମସଜିଦ୍‌ରୁ ଭିକ୍ଷାର୍ଥିଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ଆଶ୍ରୟ ଗୃହ ଏବଂ କୋମଳମତୀ ଅନାଥ ପିଲାଙ୍କୁ ବାଳାଗୃହରେ ରଖାଗଲା। ଏଥିସହିତ କୈଣସି ସ୍ଥାନରେ କୋମଳମତୀ ଶିଶୁ ତଥା ୧୮ବର୍ଷରୁ କମ ବୟସ୍କ ପିଲା ସ୍କୁଲ ନ ଯାଇ ଶ୍ରମରେ ନିୟୋଜିତ ଥିଲେ କିମ୍ବା ଭିକ୍ଷାବୃତୀ କରୁଥିଲେ ପୋଲିସ ସହଯୋଗରେ ଥଇଥାନ କରିବା ନିର୍ଦ୍ଧାରିତ ହେଲା। ରାଉରକେଲା ଶ୍ରମ ବିଭାଗ ପକ୍ଷରୁ ସହରର ବିଭିନ୍ନ ହୋଟେଲ,ଢାବା, ଗ୍ରୋସରୀ ଆଦି ଦୋକାନରୁ ବାଳଶ୍ରମିକ ଉଦ୍ଧାର କରିବା ଆରମ୍ଭ ହେଲା। ମାତ୍ର ବେଦବ୍ୟାସ ଭିକାରୀମୁକ୍ତ ହେଲା ନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ବେଦବ୍ୟାସ ପୀଠରୁ ଭିକ୍ଷାବୃତ୍ତି କରୁଥିବା ମାତ୍ର ୧୫ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ଏନେଇ ଆର୍‌ଏମସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ, ତୁରନ୍ତ


ଉମ୍ବରୁ ଝରା ଓ ନାମ ଝରା ବେଦବ୍ୟାସ ସରସ୍ୱତୀ କୁଣ୍ଡରେ ଭିକ୍ଷାବୃତ୍ତି କରୁଛନ୍ତି ଶିଶୁ।

**ସ୍କୁଲରେ ରହିଛି ନାମ, ମିଳୁଛି ପୋଷାକ,ପୁସ୍ତକ**

ବେଦବ୍ୟାସ ମନ୍ଦିର ପୀଠରୁ ଭିକ୍ଷାବୃତୀ କରୁଥିବା ଅନୁନ୍ନତ ବର୍ଗ ପିଲା ଓ ବୃଦ୍ଧା ବୃଦ୍ଧଙ୍କୁ ଉଦ୍ଧାର କରି ଥଇଥାନ କରାଯିବ ବୋଲି ସେ କହିଥିଲେ। ଗୁରୁକୂଳ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା କହିଛନ୍ତି, ଏଥିରେ ପ୍ରଶାସନ ଯେତିକି ଦାୟୀ ତା ଠାରୁ ଅଧିକ ପିଲାଙ୍କ ଅଭିଭାବକ ଦାୟୀ। ନିଜର ସୁଖ ପାଇଁ ପିଲାଙ୍କୁ ସ୍କୁଲ ପରିବର୍ତ୍ତେ ଭିକ୍ଷାବୃତୀ କରିବାକୁ କହୁଛନ୍ତି। ପୂର୍ବରୁ ୮୮ ଜଣ ପିଲାଙ୍କୁ ଜଗନ୍ନାଥ ସଂସ୍କୃତ ବିଦ୍ୟାଳୟ ଅଧୀନ ଗୁରୁକୂଳ ସଂସ୍କୃତ ବିଦ୍ୟାଳୟ ପୀଠରେ ସାମିଲ କଲୁ। ମାତ୍ର ଉଦ୍ଧାର ହୋଇଥିବା ପିଲାଙ୍କ ମଧ୍ୟରୁ ୪୦ ଭାଗ ପିଲା ପୁଣି ତାଙ୍କ ବୃତ୍ତିରେ ମାତିଗଲେ ବୋଲି ସେ କହିଛନ୍ତି। ଏନେଇ ବେଦବ୍ୟାସ ନଦୀକୂଳବର୍ତ୍ତୀ ରହୁଥିବା ସଚେତନ ଯୁବକ ସୋନୁ ଲାକ୍ରା କହିଛନ୍ତି, ୧୫ରୁ ଊର୍ଦ୍ଧ୍ୱ କୋମଳମତୀ ପିଲାମାନେ ଭିକ୍ଷା ମାଗୁଛନ୍ତି। ୬ରୁ ଊର୍ଦ୍ଧ୍ୱ ସ୍କୁଲ ପିଲା ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କାର୍ଯ୍ୟ ତୁଲାଉଛନ୍ତି। ସରକାର ଓ ପ୍ରଶାସନ ଏଥିପ୍ରତିଦୃଷ୍ଟିଦେଲେ ସେମାନଙ୍କ ଭବଷ୍ୟତ ଉଜ୍ଜ୍ୱଳ ହେବ ବୋଲି ସେ କହିଥିଲେ।

